

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:85 ✦ 18 July 2026 (Saturday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୮୫ ✦ ୧୮ ଜୁଲାଇ ୨୦୨୬ (ଶନିବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


## ବିହାର ନିର୍ବାଚନ ପୂର୍ବରୁ ଆରଜେଡିକୁ ଝଟ୍କା



ପାଟନା,୧୭/୭: ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)କୁ ଏକ ବଡ଼ ରାଜନୈତିକ ଧକ୍କା ଲାଗିଛି। ଦଳର ଜଣାଶୁଣା ଚେହେରା ତଥା ମୁଖ୍ୟ ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ ଆରଜେଡିର ପ୍ରାଥମିକ ସଦସ୍ୟତା ପଦରୁ ସାଙ୍ଗଠନିକ ବିବାଦ କାରଣରୁ ଇସ୍ତଫା ଦେଇଛନ୍ତି।ଇସ୍ତଫା ଦେବା ପରେ ସେ ଦଳର ଶୀର୍ଷ ନେତୃତ୍ୱ ଏବଂ ଆଭ୍ୟନ୍ତରୀଣ ସଂଗଠନ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତିୱାରୀ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବର୍ତ୍ତମାନ ଏଭଳି କିଛି ଚାଟୁକାର ଲୋକଙ୍କ ଦ୍ୱାରା ଘେରି ରହିଛନ୍ତି, ଯେଉଁମାନେ ଦଳକୁ ବରବାଦ କରିଦେଇଛନ୍ତି। ମୃତ୍ୟୁଞ୍ଜୟଙ୍କ ଏହି ନିଷ୍ପତି ଆରଜେଡି ପାଇଁ ଆଗାମୀ ନିର୍ବାଚନରେ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ମୃତ୍ୟୁଞ୍ଜୟ ତିୱାରୀଙ୍କୁ ଦୀର୍ଘ ଦିନ ଧରି ତେଜସ୍ୱୀ ଯାଦବଙ୍କ ଅତି ନିକଟତର ଏବଂ ଜଣେ ଭରସାଯୋଗ୍ୟ ନେତା ଭାବେ ଗଣାଯାଉଥିଲା। ଗଣମାଧ୍ୟମ ଏବଂ ସାଧାରଣ ସଭାଗୁଡ଼ିକରେ ସେ ସବୁବେଳେ ଦଳର ଆଭିମୁଖ୍ୟକୁ ଦୃଢ଼ ଭାବେ ଉପସ୍ଥାପନ କରୁଥିଲେ। ଇସ୍ତଫା ପରେ ନିଜର ଦୁଃଖ ପ୍ରକାଶ କରି ସେ କହିଛନ୍ତି ଯେ, ଦଳରେ ବର୍ତ୍ତମାନ ମୋ ଭଳି ସମର୍ପିତ ଏବଂ ନିଷ୍ଠାବାନ କର୍ମକର୍ତ୍ତାଙ୍କ ପାଇଁ କୌଣସି ସମ୍ମାନ ନାହିଁ। ଦଳ ଭିତରେ ଚାଲିଥିବା ଅନିୟମିତତା ବିଷୟରେ ମୁଁ ବାରମ୍ବାର ତେଜସ୍ୱୀ ଯାଦବଙ୍କୁ ଜଣାଇଥିଲି ଏବଂ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲି, ମାତ୍ର ସେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଅପମାନିତ ହୋଇ ରାଜନୀତି କରିବା ମୋ ପାଇଁ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

## ଅନୁରାଗ କୁମାର ଦିଲ୍ଲୀ ପୁଲିସ କମିସନର ନିଯୁକ୍ତ



ନୂଆଦିଲ୍ଲୀ,୧୭/୭: କେନ୍ଦ୍ର ସରକାର ଶୁକ୍ରବାର ୧୯୯୪ ବ୍ୟାଚ ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସର କମିସନର ଭାବେ ନିଯୁକ୍ତ କରିଛି। ବର୍ତ୍ତମାନ ଦିଲ୍ଲୀ ପୁଲିସର ମୁଖ୍ୟ ଥିବା ସତୀଶ ଗୋଲଛାଙ୍କୁ ଅବସର ଗ୍ରହଣର ନଅ ମାସ ପୂର୍ବରୁ ବଦଳି କରାଯାଇଛି। ଶୁକ୍ରବାର ସକାଳେ ଭାରତ ସରକାରଙ୍କ ଅଧୀନ ସଚିବ ରାକେଶ କୁମାର ସିଂହଙ୍କ ଦ୍ୱାରା ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଂଚଳ (ଏଜିଏମ୍ୟୁଟି) କ୍ୟାଡରର ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବେ ନିଯୁକ୍ତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବରେ ନିଯୁକ୍ତ କରାଯାଇଛି। ୧୯୯୨ ବ୍ୟାଚ ଆଇପିଏସ୍ ଅଧିକାରୀ ସତୀଶ ଗୋଲଛାଙ୍କୁ ନୂତନ ନିଯୁକ୍ତି ପାଇଁ ଦିଲ୍ଲୀ ଉପରାଜ୍ୟପାଳ ତରନଜିତ୍ ସିଂହ ସାନ୍ଧୁଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଦିଲ୍ଲୀ ପୁଲିସ କମିସନର ନିଯୁକ୍ତ ହେବା ପୂର୍ବରୁ ଅନୁରାଗ କୁମାର ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା କୁମାରଙ୍କୁ ଆଇବିରୁ ତାଙ୍କ ମୂଳ କ୍ୟାଡରକୁ ଫେରାଇ ଦିଆଯାଇଥିଲା।

## ହରିୟାଣା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକାଶ ମନ୍ତ୍ର: ପ୍ରଥମ ହାଇଡ୍ରୋଜେନ୍ ଟ୍ରେନର ଶୁଭାରମ୍ଭ



ନୂଆଦିଲ୍ଲୀ,୧୭/୭ : ହରିୟାଣାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଡ ଭେଟି। ପ୍ରଧାନମନ୍ତ୍ରୀ ମୋଦୀ ହରିୟାଣାର ଜିନ୍ଦରେ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରି ଛନ୍ତି। ଏହି ଅବସରରେ ଜନତାଙ୍କୁ ସମ୍ବୋଧିତ କରି ସେ କହି ଛନ୍ତି , "ମୁଁ ଏଠାରେ ଉପସ୍ଥିତ ହୋଇ ଆନନ୍ଦିତ। ମୁଁ ସ୍ୱଚ୍ଛ ଗତିଶୀଳତା, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା ଏବଂ ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରୁଥିବା ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ଅବସରରେ କହୁଛି। ଏହି ସବୁ ଜୀବନଯାପନର ସହଜତାକୁ ଉନ୍ନତ କରିବ ଏବଂ ହରିୟାଣାର ବିକାଶକୁ ତ୍ୱରାନ୍ୱିତ କରିବ।" ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନକୁ ପତାକା ଦେଖାଇ ପ୍ରଧାନମନ୍ତ୍ରୀ ମୋଦୀ ଜିନ୍ଦରେ ଏକ ସାଧାରଣ ସଭାରେ କହିଥିଲେ, "ଭବିଷ୍ୟତରେ, ଯେତେବେଳେ ହାଇଡ୍ରୋଜେନ୍ ଟ୍ରେନର କଥା ଉଠାଯିବ, ଜିନ୍ଦ, ସୋନିପତ ଏବଂ ହରିୟାଣାର ନାମ ସର୍ବାଗ୍ରେ ରହିବ। ଭାରତୀୟ ରେଳବାଇ ଦ୍ୱାରା ଆଧୁନିକୀକରଣ ଦିଗରେ ଏହି ପ୍ରମୁଖ ପଦକ୍ଷେପ ପାଇଁ ମୁଁ ଆପଣମାନଙ୍କୁ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଉଛି।" ସେ କହିଥିଲେ ଯେ ହାଇଡ୍ରୋଜେନ୍ ଟ୍ରେନ ଦେଶରେ ଉତ୍ସାହ ସୃଷ୍ଟି କରିଛି ଏବଂ ଏହା ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ବଡ଼ ଦିନ। ଜିନ୍ଦରୁ ସୋନିପତ ପର୍ଯ୍ୟନ୍ତ ଚାଲୁଥିବା ହାଇଡ୍ରୋଜେନ୍ ଟ୍ରେନ ବିଶ୍ୱର ସବୁଠାରୁ ବଡ଼ ପାୱାର ଟ୍ରେନ। ଏହି ହାଇଡ୍ରୋଜେନ୍ ଟ୍ରେନ ମେକ୍ ଇନ୍ ଇଣ୍ଡିଆର ଏକ ମହାନ ଉଦାହରଣ। ଏହି ଟ୍ରେନ ଜିନ୍ଦ ଏବଂ ସୋନିପତ ରେଳ ଷ୍ଟେସନ ମଧ୍ୟରେ ଚାଲିବ। ଏହି ସ୍ୱତନ୍ତ୍ର ଟ୍ରେନଟି ଅନେକ ସୁରକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ ହୋଇଛି। ତାଙ୍କର ଜିନ୍ଦ ଗସ୍ତ ପୁରୁଣା ସ୍ମୃତିକୁ ପୁନର୍ଜୀବିତ କରିବା ଭଳି ଥିଲା। ଜିନ୍ଦରେ ତାଙ୍କ ଅଭିଭାଷଣ ସମୟରେ, ସେ ଆମେରିକା-ଇରାନ ଯୁଦ୍ଧର ମଧ୍ୟ ଉଲ୍ଲେଖ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଏହି ଯୁଦ୍ଧ ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବିତ କରିଛି।

## ଓଡ଼ିଶାର ରେଳ ଭିତିଭୂମିର ଆଧୁନିକୀକରଣ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭/୭(ନି/ପ୍ର): ଓଡ଼ିଶାର ରେଳ ଭିତିଭୂମିର ଆଧୁନିକୀକରଣକୁ ନେଇ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବେ ?ଷ୍ଣବଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଓଡ଼ିଶାର ରେଳ ଭିନ୍ନିଭୂମିର ଆଧୁନିକୀକରଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତା ପାଇଁ ମୁଁ ହୃଦୟରୁ କୃତଜ୍ଞତା ଜଣାଉଛି । ଏଭଳି ଐତିହାସିକ ବିନିଯୋଗ ଏକ ସୁଦୃଢ଼, ଆଧୁନିକ ଓ ଭବିଷ୍ୟତମୁଖୀ ପରିବହନ ବ୍ୟବସ୍ଥା ଗଢ଼ି ତୋଳିବ । ଏହାସହ 'ସମୃଦ୍ଧ ଓଡ଼ିଶା', 'ବିକଶିତ ଓଡ଼ିଶା–୨୦୩୬' ଏବଂ 'ବିକଶିତ ଭାରତ–୨୦୪୭'ର ସଂକଳ୍ପ ପୂରଣ ଦିଗରେ ଓଡ଼ିଶାର ଦୃଢ଼ ଯାତ୍ରାକୁ ଅଧିକ ଗତିଶୀଳ କରିବ ।

### ପ୍ରବଳ ବର୍ଷା ଯୋଗୁଁ ଭୁଶୁଡ଼ିଲା ଶ୍ୱେତଗଙ୍ଗାର ୨୫ ଫୁଟ୍ ପାଚେରି

## ବର୍ତିଲେ ୨ ନାବାଳକ



ପୁରୀ,୧୭/୭(ନି/ପ୍ର): ପୁରୀ ପ୍ରବଳ ବର୍ଷା ଯୋଗୁଁ ଶ୍ରୀକ୍ଷେତ୍ରର ଅନ୍ୟତମ ପଂଚତୀର୍ଥ ଶ୍ୱେତଗଙ୍ଗାର ପାଚେରି ଭୁଶୁଡ଼ି ପଡ଼ିଛି । ପଶ୍ଚିମ ପାର୍ଶ୍ୱରେ ଥିବା ୨୫ ଫୁଟର ପାଚେରି ଗଳିପଡିଛି । ନିକଟରେ ଦୁଇ ଜଣ ନାବାଳକ ବୁଲୁଥିଲେ । ସେମାନେ ସେଠାରୁ ଦୂରେଇ ଯିବା ପରେ ହଠାତ୍ ପାଚେରି ଭୁଶୁଡ଼ି ଥିବା କହିଛନ୍ତି ପ୍ରତ୍ୟକ୍ଷଦର୍ଶୀ । ସୂଚନା ଅନୁଯାୟୀ ଗୁରୁବାର ରାତି ପ୍ରାୟ ୮ଟା ୩୫ରେ ସମୟରେ ଶ୍ୱେତଗଙ୍ଗା ପୁଷ୍କରୀଣି ପାଚେରି ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ପାଚେରି ପଡ଼ିଯିବା ଦ୍ୱାରା ଶ୍ୱେତଗଙ୍ଗା ଅତି ପ୍ରାଚୀନ ନିର୍ମାଣର କିଛି ଅଂଶ ମଧ୍ୟ ଭାଙ୍ଗିଛି । ମାଟି ଓ ପଥର ଧସିଯାଇ ଶ୍ୱେତଗଙ୍ଗା ଜଳରେ ମିଶିଛି । ପାଚେରି ଭାଙ୍ଗିଯିବାରେ ସେପଟେ ଥିବା ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି । ଫଳରେ ଶ୍ୱେତଗଙ୍ଗାର ପଶ୍ଚିମ ପାର୍ଶ୍ୱ ଅନ୍ଧାର ରହିଛି । ଏପରିକି ବିଦ୍ୟୁତ୍ ତାର ଖୋଲା ରହିଥିଲେ କରେଣ୍ଟ ମାରିବାର ଭୟ ରହୁଥିବା ମଧ୍ୟ କହିଛନ୍ତି ସ୍ଥାନୀୟ ଲୋକେ ।

# ଭିଜିଲେ ଭକ୍ତ-ଭଗବାନ



ପୁରୀ,୧୭/୭(ନି/ପ୍ର): ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନବ୍ୟାପୀ ଯାତ୍ରା ଆରମ୍ଭ କରିଛନ୍ତି ଦାରୁବ୍ରହ୍ମ। ପ୍ରବଳ ବର୍ଷା ସତ୍ୱେ ଜନସମୁଦ୍ରରେ ପରିଣତ ହୋଇଛି ଶ୍ରୀକ୍ଷେତ୍ରର ପବିତ୍ର ବଡ଼ଦାଣ୍ଡ। ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଛି। ଭାବ, ଭକ୍ତି, ସମର୍ପଣରେ ଉଚ୍ଛୁଳି ଉଠୁଛି ସମଗ୍ର ପୁରୀ ସହର। ବିଶ୍ୱର କୋଟିକୋଟି ଲୋକ ମହାପ୍ରଭୁଙ୍କ ଏହି ମହାମାନବୀୟ ଲୀଳା ଦେଖି ବିଭୋର ହୋଇଛନ୍ତି। ନୀତି ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାତ୍ର ଗୋଟିଏ ଥର ଟଣାଯାଇଛି। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ରାସ୍ତାରେ ଅଟକି ରହିଛନ୍ତି। ଅନ୍ଧକାର ମଧ୍ୟରେ ଉତ୍କଣ୍ଠାର ସହ ବଡ଼ଦାଣ୍ଡରେ ରଥ ଟାଣିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ରାତିରେ ରଥ ଉପରେ ଠାକୁରଙ୍କ ସେବାପୂଜା କରାଯାଇଛି। ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଶୁକ୍ରବାର ସକାଳ ସାଢ଼େ ୯ଟାରେ ତିନିରଥ ଟଣାଯାଇ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିକୁ ନିଆଯିବ ବୋଲି ମନ୍ଦିର ପ୍ରଶାସନ ସୂଚନା ଦେଇଛି। କିନ୍ତୁ ଆସନ୍ତାକାଲି ଚତୁର୍ଦ୍ଧା ମୂର୍ତ୍ତି ଆଡ଼ପ ବିଜେ କରିବେ ନାହିଁ। ଗୁରୁବାର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ମହାମାନବୀୟ ଲୀଳାଖେଳା ଦେଖିବାକୁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡ଼ିଥିଲା। ଦିନତମାମ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଥିଲା। ତୁହାକୁ ତୁହା ବର୍ଷାରେ ମହାପ୍ରଭୁ ନିଜେ ଭିଜିବା ସହ ଭକ୍ତଙ୍କୁ ଭିଜାଇଥିଲେ। ତିନିଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ଏହାର କୌଣସି ଫରକ୍ ପଡ଼ିନଥିଲା। ଲକ୍ଷଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଛିଡ଼ା ହୋଇ ବର୍ଷାରେ ଓଦା ହେବା ସହ ମହାପ୍ରଭୁଙ୍କ ପହଣ୍ଡି ଓ ଗଜପତିଙ୍କ ଛେରାପହଁରା ଦେଖି ଆନନ୍ଦରେ ରଥ ଟାଣିଥିଲେ। ଦାରୁବ୍ରହ୍ମ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀସୁଦର୍ଶନ ପହଣ୍ଡି ହୋଇ ରଥ ଉପରେ ବିଜେ କରିବା ବେଳେ ବର୍ଷା ଲାଗି ରହିଥିଲା। ସେବକମାନେ ଓଦା ହୋଇ ପ୍ରଭୁଙ୍କୁ ପହଣ୍ଡି କରାଇଥିଲେ। ସେହିପରି ଶ୍ରଦ୍ଧାଳୁ ବର୍ଷାକୁ ଖାତିର ନକରି ବଡ଼ଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହିଥିଲେ।

## ଲଘୁଚାପ ପ୍ରଭାବରେ ପୁରୀରେ ପ୍ରବଳ ବର୍ଷା:



### ୪୫ ଘଣ୍ଟାରେ ୨୦୦ ମି.ମି ରେକର୍ଡ

ପୁରୀ,୧୭/୭(ନି/ପ୍ର):ରାଜ୍ୟରେ ସକ୍ରିୟ ରହିଥିବା ଲଘୁଚାପ ପ୍ରଭାବରେ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ବିଶେଷ କରି ପୁରୀ ସହରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ପୁରୀ ସହରରେ ଘଣ୍ଟାପ୍ରତି ୧ ରୁ ୨ ସେଣ୍ଟିମିଟର ବର୍ଷା ହେଉଥିବା ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୪୫ ଘଣ୍ଟା ମଧ୍ୟରେ ପୁରୀରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏତେ କମ୍ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ହେବା ଫଳରେ ସହରର ବିଭିନ୍ନ ତଳିଆ ଅଂଚଳ ଜଳମଗ୍ନ ହୋଇଯାଇଛି। ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ଗଳିକନ୍ଦିରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଫଳରେ ରଥଯାତ୍ରା ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ଆହୁରି ୪୫ ମିନିଟରୁ ୧ ଘଣ୍ଟା ପର୍ଯ୍ୟନ୍ତ ଏହିଭଳି ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ଅଛି। ତେବେ ଏହା ପରେ ବର୍ଷାର ପରିମାଣ ଧୀରେ ଧୀରେ କମିବା ସହ ପାଗରେ ସାମାନ୍ୟ ସୁଧାର ଆସିପାରେ।

### ସୂଚନା

ରଥଯାତ୍ରା ଉପଲକ୍ଷେ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ଅବକାଶ ଥିଲା।

— ସଂପାଦକ

## ଆମେରିକା ଭୟଙ୍କର ଆକ୍ରମଣ ଜାରି : ଇରାନରେ ୭ ମୃତ



ତେହେରାନ,୧୭/୭: ଲଗାତାର ଷଷ୍ଠ ଦିନ ପାଇଁ ଆମେରିକା ଓ ଇରାନ ପରସ୍ପର ଉପରେ ଭୟଙ୍କର ଆକ୍ରମଣ କରିଛନ୍ତି। ଆମେରିକା ଗୁରୁବାର ରାତିରେ ଇରାନର ୫ଟି ସେତୁ, ଗୋଟିଏ ରେଳ ଷ୍ଟେସନ ଓ ବିମାନବନ୍ଦର ଉପରେ ତୀବ୍ର ଆକ୍ରମଣ କରିଛି ଯେଉଁଥିରେ ତେହେରାନର ୭ ଜଣ ନାଗରିକଙ୍କର ମୃତ୍ୟୁ ହୋଇଛି। ହର୍ମୁଜ୍ ପ୍ରଣାଳୀରେ ତେହେରାନର କବ୍ଜା ହ୍ରାସ କରିବା ପାଇଁ ଚାପ ପକାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଆମେରିକା ସେନାବାହିନୀ ପକ୍ଷରୁ ଏହି ତୀବ୍ର ଆକ୍ରମଣ ଜାରି ରହିଛି। ଜବାବରେ ଇରାନ ମଧ୍ୟପ୍ରାଚ୍ୟରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ନୂତନ କ୍ଷେପଣାସ୍ତ୍ରରେ ଆକ୍ରମଣ କରିବା ସହିତ ଆହୁରି ଜୋରଦାର ଆକ୍ରମଣ କରିବ ବୋଲି ଚେତାବନୀ ଦେଇଛି। ତେହେରାନ ପଡ଼ୋଶୀ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ନିକ୍ଷେପ କରିଛି। ତେହେରାନ ଟାର୍ଗେଟରେ ଜୋର୍ଡାନରେ ନିକଟରେ ସମ୍ପ୍ରସାରିତ ଏକ ବାୟୁସେନା ଘାଟି ମଧ୍ୟ ସାମିଲ ରହିଛି। ଇରାନର ଘନ ଘନ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁ କତର ଏହାର ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି। ଇରାନର ଡ୍ରୋନ୍ ଆକ୍ରମଣରେ କତରରେ ଜଣେ ଶିଶୁ ଆହତ ହୋଇଛି। ଇରାନ-ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ କତର ପାକିସ୍ତାନ ସହିତ ମିଶି ମଧ୍ୟସ୍ଥତା କରୁଛି। କିନ୍ତୁ ହର୍ମୁଜ ପ୍ରଣାଳୀକୁ ନିୟନ୍ତ୍ରଣରେ ରଖିବା ପରେ ଆମେରିକା ସହିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଇରାନରେ ବିଭିନ୍ନ ସେତୁ ଉପରେ ଆମେରିକାର ଆକ୍ରମଣ ପରେ ତେହେରାନ ବାହାରିନ୍, କୁଏତ୍ ଉପରେ ଆକ୍ରମଣ କରିଛି। ଇରାନରେ ଦକ୍ଷିଣ ଉପକୂଳବର୍ତ୍ତୀ ସହର ଓ ଦ୍ୱୀପପୁଞ୍ଜଗୁଡ଼ିକ ଆମେରିକା ଆକ୍ରମଣର ଶିକାର ହୋଇଛନ୍ତି। ଆହଭାଜ, କ୍ୱେଶମ୍, ବୁଶେହର, ଦାସ୍ତି, ବୋସ୍ତାନ, ସିରିକ୍ ଓ ବନ୍ଦର-ଏ ଲେଙ୍ଗେହରେ ବିସ୍ଫୋରଣ ଘଟିଥିବା ରିପୋର୍ଟ ହୋଇଛି। ପୂର୍ବ ରାତି ଅପେକ୍ଷା ଗତକାଲି ରାତିରେ ହୋଇଥିବା ? ଆକ୍ରମଣ ଭିତିଭୂମିକୁ ଅଧିକ କ୍ଷତି ପହଞ୍ଚାଇଛି। ବନ୍ଦର-ଏ-ଖାମିରରେ ତିନୋଟି ସେତୁ କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ୍ଦର ଆବାସ, ତାପେହ ଆଲ୍ଲାହ ଆକବର ଓ ଅନ୍ୟ ସ୍ଥାନ ଉପରେ ଆମେରିକା ଜୋରଦାର ଆକ୍ରମଣ କରିଛି। ଇରାନର ସରକାରୀ ଟେଲିଭିଜନ ରିପୋର୍ଟ ଅନୁଯାୟୀ, ହୋର୍ମଜଗାନ୍ ପ୍ରଦେଶରେ ରାସ୍ତା ଓ ରେଳ ଭିତିଭୂମିକୁ ଟାର୍ଗେଟ କରାଯାଇଥିଲା, ଯେଉଁଥିରେ ଅତି କମରେ ସାତ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଇରାନସରରେ ଏକ ବିମାନବନ୍ଦର ଉପରେ ଆକ୍ରମଣ କରାଯାଇଥିଲା ଫଳରେ ବ୍ୟାପକ ଭିତିଭୂମି କ୍ଷତିଗ୍ରସ୍ତ ହୋଇଛି ଓ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। ଅଲ୍ ଜାଜିରା ରିପୋର୍ଟ ଅନୁଯାୟୀ, କିଶ୍ ଦ୍ୱୀପରେ ଆକାଶମାର୍ଗରୁ ଆକ୍ରମଣ ପରେ କେତେକ ଅଂଚଳରେ ଅସ୍ଥାୟୀ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ, ଆମେରିକାର ଲଢୁଆ ବିମାନ, ଡ୍ରୋନ୍ ଓ ଯୁଦ୍ଧ ଜାହାଜ ଇରାନର ବିଭିନ୍ନ ସାମରିକ ପ୍ରତିଷ୍ଠାନ, ଉପକୂଳ ସର୍ଭେଲାନ୍ସ ଓ ବାୟୁ ପ୍ରତିରକ୍ଷାସ୍ଥଳ, ସାମରିକ ଲଜିଷ୍ଟିକ୍ ଭିତିଭୂମି ଓ ସାମରିକ କ୍ଷମତାକୁ ଟାର୍ଗେଟ କରିଛି। ମଧ୍ୟପ୍ରାଚ୍ୟରେ ୫୦,୦୦୦ରୁ ଅଧିକ ଆମେରିକୀୟ ସେନା କାର୍ଯ୍ୟ କରୁଛନ୍ତି। ସଦ୍ୟ ଆକ୍ରମଣ ଗତମାସ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିକୁ ଭଙ୍ଗ କରିଛି। ହର୍ମୁଜ ପ୍ରଣାଳୀକୁ ନିୟନ୍ତ୍ରଣରେ ରଖିବାକୁ ଦୁଇ ଦେଶ ମଧ୍ୟରେ ତୀବ୍ର ସଂଘର୍ଷ ଚାଲିଥିବାବେଳେ ଇତିମଧ୍ୟରେ ଆମେରିକା ଆକ୍ରମଣରେ ଇରାନରେ ୪୦ ଜଣରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି ଓ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ବୋଲି ଇରାନ ପକ୍ଷରୁ କୁହାଯାଇଛି।

## ଗୁଜରାଟରେ 'ରଥଯାତ୍ରା', ଯୋଗ ଦେଲେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ



ଗାନ୍ଧିନଗର,୧୭/୭: ଗୁଜରାଟର ଅଦାଲଜ ସହରର ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆରମ୍ଭ ହେବାପରେ ବିଶ୍ୱାସର ଏକ ଜୀବନ୍ତ ସମୁଦ୍ରରେ ପରିଣତ ହୋଇଥିଲା। ନିକଟବତୀ ଅଂଚଳରୁ ୨୫ ହଜାରରୁ ଅଧିକ ଭକ୍ତ ଏକତ୍ରିତ ହୋଇ ଭଗବାନ ଜଗନ୍ନାଥ, ତାଙ୍କ ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ଦର୍ଶନ କରିଥିଲେ। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହି ଶୁଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ 'ଜୟ ଜଗନ୍ନାଥ'ର ଧ୍ୱନି ମଧ୍ୟରେ ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ମହାପ୍ରଭୁଙ୍କ ପହଣ୍ଡି ବିଜେରେ ବି ସାମିଲ ହୋଇଥିଲେ। ନରହରି ଆମିନ (ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ମେମେରା ବେନ ପଟେଲ (ମେୟର ଗାନ୍ଧିନଗର) ମଧ୍ୟ ଏଥିରେ ସାମିଲ୍ ହୋଇଥିଲେ। ଏହି ବିଶାଳ ରଥଯାତ୍ରା ସକାଳ ୯ଟାରେ ମନ୍ଦିର ଫାଟକରୁ ବାହାରି ଶନି ମନ୍ଦିର, ଉରସାଦ ବ୍ରିଜ୍ ଏବଂ ଅଦାଲଜ ସର୍କଲ ସହିତ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଯାଇଥିଲା । ଗୁଜୁରାଟରେ ରହୁଥିବା ଓଡ଼ିଆମାନଙ୍କ ସହ ହଜାର ହଜାର ସ୍ଥାନୀୟ ନାଗରିକଙ୍କ ସହ ଏହି ରାସ୍ତାରେ ଭରପୂର ଥିଲା, ସାଂସ୍କୃତିକ ଏକୀକରଣ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ଏକ ସୁନ୍ଦର ପ୍ରଦର୍ଶନ ପ୍ରଦର୍ଶନ କରିଥିଲା । ରଥଯାତ୍ରା ମା ଅନ୍ନପୂର୍ଣ୍ଣା ମନ୍ଦିରରେ ଶେଷ ହୋଇଛି, ଯେଉଁଠାରେ ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରସାଦ ଆୟୋଜନ ପାଇଁ ଟ୍ରଷ୍ଟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରୀତିନୀତି ଏବଂ ବିଶ୍ରାମ ପାଇଁ କିଛି ସମୟ ଅଟକି ରହିବା ପରେ ପବିତ୍ର ରଥ ଅଦାଲଜ ଜଗନ୍ନାଥ ମନ୍ଦିର (ଘର ମନ୍ଦିର)କୁ ଫେରନ୍ତା ଯାତ୍ରା ଆରମ୍ଭ କରିଥିଲା ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122



କେନ୍ଦୁଝରରେ ଶ୍ରୀ ଶ୍ରୀ ଜୀଉଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା

## ବିଶାଖାପାଟଣାରେ ଗଡିଲା ରଥ

ବିଶାଖାପାଟଣା/ଭୁବନେଶ୍ୱର,୧୭/୭(ନି/ପ୍ର): ବିଶାଖାପାଟଣାର ଡସପଲ୍ଲା ପାହାଡ଼ିରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ପର୍ବ ମହାସମାରୋହରେ ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା ରଥଯାତ୍ରାର ଆୟୋଜନ କରାଯାଇଥିଲା।ମୁଖ୍ୟ ମନ୍ଦିରରେ ଠାକୁରମାନଙ୍କର ଯଥାରୀତି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ, ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡର ଉପ-ସଭାପତି ତଥା ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକଙ୍କ ସକ୍ରୀୟ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭିଡ଼କୁ ନିୟନ୍ତ୍ରଣ କରାଯିବା ଦିଗରେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୩ଟା ବେଳେ ଚାରି ଠାକୁରମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ଅପରାହ୍ନ ୪:୩୦ ସମୟରେ ରଥଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଠାରେ ଓଡ଼ିଆ ଓ ଅଣଓଡ଼ିଆ ପ୍ରାୟ ୫୦୦୦ ଦର୍ଶକଙ୍କର ସମାଗମ ଘଟିଥିଲା।

## ସରକାରୀ ମହିଳା ମହାବିଦ୍ୟାଳୟର ବନ ମହୋତ୍ସବ ପାଳିତ




କେନ୍ଦୁଝର,୧୭/୭(ନି/ପ୍ର): ବନ ମହୋତ୍ସବ ପାଳନ ୨୦୨୬ ଅବସରରେ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦୁଝର ଯୁବ ରେଡ଼କ୍ରସ ୟୁନିଟ୍, ଜାତୀୟ ସେବା ଯୋଜନା ସଂସ୍ଥା ଓ ପରିବେଶ କ୍ଲବର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ବ୍ୟାପି ପାଳନ ଉପଲକ୍ଷେ ତାରିଖ ୧୪.୦୭.୨୦୨୬ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିନ୍ନ ରଞ୍ଜନ ସାହୁ ବୃକ୍ଷ ରୋପଣ କାର୍ଯକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ପ୍ରକୃତିର ସୁରକ୍ଷା ବୃକ୍ଷରୋପଣ ଦ୍ୱାରା ସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝରର ସାଇ ସେବା ସଂସ୍ଥା ସ୍ୱେଚ୍ଛା କୃତ ଭାବରେ ବିଭିନ୍ନ ପ୍ରକାର ଚାରା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ, ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଏଥି ସହିତ ସେ ବୃକ୍ଷରୋପଣ ପ୍ରକୃତି ସହିତ କିପରି ଭାବେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ଛାତ୍ରୀମାନଙ୍କର ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ମାଣ୍ଡୁଆ ସ୍ଥିତ ଗ୍ରାମ ପଚାଂୟତରେ ବିଭିନ୍ନ ଚାରା ବଟଂନ ସହିତ ଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷରୋପଣ ମଧ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇଥିଲା। ଯୁବ ରେଡ଼କ୍ରସ ୟୁନିଟର କାର୍ଯ୍ୟ କାରୀଣି ଅଧିକାରୀ ଡଃ ମୋନାଲିସା ଦାସ, ଜାତୀୟ ସେବା ଯୋଜନା ସଂସ୍ଥାର ଅଧିକାରୀ ସନ୍ଧ୍ୟାରାଣୀ ଶଙ୍ଖୁଆଳ, ପରିବେଶ କ୍ଲବର ଅଧିକାରୀ ଶକ୍ତି ରଞ୍ଜନ ବେହେରା, ଲିଟୁ ମଲ୍ଲିକ ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରିବା ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବୀମାନେ ଓ ଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଉକ୍ତ କାର୍ଯକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଲଗାଣ ବର୍ଷାରେ ପୁଣି ଆଖଣ୍ଡଳମଣିଙ୍କ ମନ୍ଦିର ଦ୍ୱାରରେ ଲହଡ଼ି ମାରିଲା ଡ୍ରେନ ପାଣି

ଭଦ୍ରକ,୧୭/୭/(ନି/ପ୍ର): ମୌସୁମୀ ସକ୍ରିୟ ଓ ଲଘୁଚାପ ପ୍ରଭାବରେ ଗତ ସୋମ୍ବାର ମଧରାତ୍ରରୁ ଲାଗି ରହିଥିବା ଲଗାଣ ବର୍ଷାରେ ପୁଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ଓ ଦକ୍ଷିଣ ଦ୍ୱାର ନିକଟରେ ଲହଡ଼ି ମାରିଲା ନର୍ଦ୍ଦମା ପାଣି। ତାହାସହ ପାଣିପାଗର ଆକଳନ ଅନୁଯାୟୀ ଚାନ୍ଦବାଲିରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ଆରଡି ପୀଠରେ ମଧ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଦୀର୍ଘ ୨ମାସ ହେଲେ ମନ୍ଦିର ବେଢ଼ା ଚତୁଃପାର୍ଶ୍ୱ ସହ ମୁଖ୍ୟ ବଜାର ରାସ୍ତାରେ ଭଙ୍ଗା ହୋଇଥିବା ବଡ଼ବଡ଼ କୋଠା ଘରର ଇଟା, କଂକ୍ରିଟ ଆଦି କୁଢକୁଢ ପଡି ରହିଥିବାରୁ ମୁଖ୍ୟ ଡ୍ରେନ ଓ ସାହି ଡ୍ରେନ ଗୁଡିକ ପୋତି ହୋଇପଡିଛି। ଯାହାକି ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ସିଧାସଳଖ ଭାବେ ଯାତାୟତ ରାସ୍ତା ଦେଇ ମନ୍ଦିର ବେଢ଼ାକୁ ପ୍ରବେଶ କରିବାରୁ ମନ୍ଦିର ବେଢ଼ା ଓ ଦକ୍ଷିଣ ଦ୍ୱାର ସମ୍ମୁଖରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି। ଏହି ଅଳିଆ ଆବର୍ଜନା ପାଣିରେ ପଶି ସେବାୟତ ନୀତି ଭୋଗ ନେଇ ଯାଆଆସ କରିବା ସହ ଆଗନ୍ତୁକ ଭକ୍ତମାନେ ମଧ ସେହି ନର୍ଦ୍ଦମା ପାଣିରେ ପଶି ବାବାଙ୍କ ଦର୍ଶନ ପାଇଁ ମନ୍ଦିର ଭିତରକୁ ଯାଉଛନ୍ତି। ଆଗକୁ ଶ୍ରାବଣୀଯାତ୍ରା ଥିବାରୁ ଲକ୍ଷାଧିକ କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗିବ ପୀଠରେ, ହେଲେ ପ୍ରଶାସନ ଆଗନ୍ତୁକ କାଉଡିଆଭକ୍ତମାନଙ୍କର ସମସ୍ତ ସୁବିଧା ପାଇଁ ଜିଲ୍ଲାସ୍ତରୀୟ ବୈଠକରେ ଆଲୋଚନା କରି ଚୁପ ହୋଇ ବସିଛି। ଆଗକୁ ଆହୁରି ବର୍ଷା ବଢିବ ବୋଲି ପାଣିପାଗ ପକ୍ଷରୁ ଆକଳନ କରାଯାଇଛି।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ସର୍ବଦା ଚିର ସ୍ମରଣୀୟ



କେନ୍ଦୁଝର,୧୭/୭(ନି/ପ୍ର): ପୂର୍ଣ୍ୟମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ମଙ୍ଗଳବାର ସକାଳେ ଟେଲିଫୋନ ଏକ୍ସଚେଞ୍ଜ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କେନ୍ଦୁଝରଗଡ ଉପନଗରପାଳ ବରଦା ପ୍ରସନ୍ନ ଦାସ, ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ଜିଲା ସାମ୍ବାଦିକ ସଂଘ ସଭାପତି ସତ୍ୟନାରାୟଣ ମିଶ୍ର,ରୋଟାରିଆନ ରାଜେନ୍ଦ୍ର କୁମାର ପଲେଇ, ଗୋନାସିକା ମହାବିଦ୍ୟାଳୟର ଚେୟାରମ୍ୟାନ ରାଜଶ୍ରୀ ଖଟୋଇ ,ମିଳନୀ ସାହିତ୍ୟ ସଂସଦ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ବରିଷ୍ଠ ସଦସ୍ୟ ଗୀତରାଣୀ ଦାଶ,ପ୍ରତାପ କର୍ମକାର,ଗାନ୍ଧିବାଦୀ ଭକ୍ତବତ୍ସଳ ମହାନ୍ତି,ରୋଟାରିଆନ ଇଂ ଦେବବ୍ରତ ସ୍ୱାଇଁ, ଡାକ୍ତର ସଂଜୀବ ଓତା, ଜିଲା ଆଇନଜୀବୀ ସଂଘର ସଭାପତି ଆଲୋକ ମହାନ୍ତ, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଆଇନଜୀବୀ ଜ୍ଞାନେନ୍ଦ୍ର ଜେନା,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ବିଦ୍ୟାଧର ମହାନ୍ତ, ଜିଲା ରେଡକ୍ରସ୍ ଯୁଗ୍ମ ସମ୍ପାଦକ ଏ ଆର ଖାନ, ସାହିତ୍ୟିକ କବି ପିନାକୀ ମିଶ୍ର, ବିଜୟ କୁମାର ବେହେରା ଓ କେନ୍ଦୁଝର ଫିଲ୍ମ ଏକାଡେମୀର ଉପ ସଭାପତି ପଦ୍ମ ଲୋଚନ ଦଳେଇ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ପରିଡା,ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଙ୍ଘର ସହ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର, ସାମ୍ବାଦିକ ବିଜୟ କୁମାର ମିଶ୍ର,ପବିତ୍ର ବେହେରା, ସତ୍ୟଜିତ ସାମନ୍ତରାୟ,କେଏସଇ ଶିକ୍ଷାନୁଷ୍ଠାର ଅଧ୍ୟାପକ ଭାବଗ୍ରାହୀ ମିଶ୍ର, ପଣ୍ଡିତ ମଧୁସୂଦନ ମିଶ୍ର,ବରିଷ୍ଠ ନାଗରିକ ତ୍ରିଲୋଚନ ରଥ,ଉମାକାନ୍ତ ପତ୍ରୀ,ଉମାକାନ୍ତ ବେହେରା, ଦୈତାରୀ ଚନ୍ଦ୍ର କରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁଙ୍କ ତ୍ୟାଗ ଓ ସେବା ସମସ୍ତଙ୍କ ପାଇଁ ସର୍ବଦା ପ୍ରାତଃ ସ୍ମରଣୀୟ ବୋଲି ଅତିଥିଗଣ ମତ ମତ ବ୍ୟକ୍ତି କରିଥିଲେ।

## ଯୋଗ୍ୟଙ୍କୁ ଅଣଦେଖା : ଅଯୋଗ୍ୟ ହାତେଇଛନ୍ତି ଆବାସ

ଚମ୍ପୁଆ,୧୭/୭(ନି/ପ୍ର):ଚମ୍ପୁଆ ବ୍ଲକ କୁଟାରିପଶି ପଂଚାୟତ କାର୍ଯ୍ୟାଳୟରେ ଆଜି ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ଆବାସ ଯୋଜନାରୁ ବଂଚିତ ହିତାଧିକାରୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇ ପ୍ରବଳ ହଟ୍ଟଗୋଳ ହୋଇଥିବା ଦେଖିବାକୁ ମିଳିଛି। ପଂଚାୟତର ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚଳିତ ବର୍ଷ ଆବାସ ଯୋଜନାରେ ସାମିଲ ହେବା ତାଲିକା ପ୍ରକାଶ କରାଯିବାକୁ ନେଇ ଆଜି ଗ୍ରାମପଂଚାୟତ ତରଫରୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମସଭା ଆୟୋଜନ କରାଯାଇଥିଲା। ସରପଂଚ ଜୟରାମ ଚାତାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗ୍ରାମ ସଭାରେ ପ୍ରବଳ ହୋଟ୍ଟଗୋଳ ହୋଇଥିଲା। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାରେ ପଂଚାୟତର ବହୁଯୋଗ୍ୟ ହିତାଧିକାରୀଙ୍କ ନାମ କଟିଯାଇଥିବାବେଳେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିଥିବା ଅଭିଯୋଗ ହୋଇଛି। ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ପଂଚାୟତରେ ସମସ୍ତ ଗ୍ରାମରେ ଚାଲିଥିବା ଘର ସର୍ଭେ ପରେ ପାଇବାକୁ ଥିବା ହିତାଧିକାରୀଙ୍କର ତାଲିକା ଆଜି ପଂଚାୟତରେ ପ୍ରକାଶ କରାଯିବା ପରେ ବହୁଯୋଗ୍ୟ ହିତାଧିକାରୀଙ୍କ ନାମ କଟି ଯାଇଥିବାରୁ ଲୋକଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା। ଫଳରେ ବାଧହୋଇ ସରପଂଚ ଗ୍ରାମସଭାକୁ ଅଧାରେ ବନ୍ଦ କରିବାକୁ ବାଧ ହୋଇଥିଲେ।

## ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା



କେନ୍ଦୁଝର,୧୭/୭(ନି/ପ୍ର): କେନ୍ଦୁଝରଗଡ଼ ବଡଦାଣ୍ଡ ରେ ଗଡିଛି ବିଶ୍ୱ ର ବୃହତମ କାଷ୍ଠ ନିର୍ମିତ ଷୋହଳ ଚକ ବିଶିଷ୍ଟ ନନ୍ଦିଘୋଷ ରଥ, ଚତୁର୍ଦ୍ଧା ମୂରତି ଙ୍କ ଅବକାଶ, ଧୂପ, ଲୁଗାଲାଗି, ଦ୍ୱାରପାଳ ପୂଜା ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଚକାଭିଡା, ପହଣ୍ଡି ବେଶ ହେବାପରେ ପହଣ୍ଡି ଆରମ୍ଭ ହୋଇ ଏକଲକ୍ଷ ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ହୁଳୁହୁଳି, ଘଟଂନାଦ, ଜୟ ଶ୍ରୀ ଜୀଉ ନାରା ଭିତରେ ରଥାରୁଢ଼ ହୋଇଥିଲେ, ଚାରମାଳାଖୋଲା ଯିବାପରେ ଘୋଡା ଯୋଚା ସମ୍ପନ୍ନ ହୋଇ ଛେରାପହଁରା କାର୍ଯ୍ୟକ୍ରମ ସରି ରଥଟଣା ଆରମ୍ଭ ହୋଇଥିଲା, ରାସ୍ତାରେ ଗଳଗଣ୍ଡି ପୂଜା ପରେ ପୁଣି ରଥଟଣା ହୋଇ ସନ୍ଧ୍ୟା ସାଢେ ଛ ଟାରେ ରଥ ମାଉସୀମା ମନ୍ଦିର ନିକଟରେ ପହଂଚଥିଲା,ଲୋକସମ୍ପର୍କ ବିଭାଗ ପକ୍ଷରୁ ଅଭିଜ୍ଞ ବିଦ୍ୱାନ ମାନଙ୍କୁ ନେଇ ଧାରବିବରଣୀ ପ୍ରସାର କରାଯାଇଥିବାବେଳେ ବିଭିନ୍ନ ଅନୁଷ୍ଠାନ ମାନଙ୍କ ଦ୍ୱାରା ଦହିପାଣି ଖେଚୁଡ଼ି, ପଲାଉ, କ୍ଷୀରି, ଲେମ୍ବୁ ସର୍ବତ, ପିଇବା ପାଣି,ବିତରଣ କରାଯାଉଥିଲା, ଏସପି ନିତିନ କୁଶଲକର ଙ୍କ ନେତୃତ୍ୱରେ ୨୨ପ୍ଲାଟୁନ ଫୋର୍ସ, ୨ଜଣ ଅତିରିକ୍ତ ଏସପି, ୭ଜଣ ଡ଼ିଏସପି, ୧୩ଜଣ ଇନ୍ସପେକ୍ଟର, ୪୫ଜଣ ସବଇନ୍ସପେକ୍ଟର ବନକର୍ମଚାରୀ, ଅବକାରୀ ଫୋର୍ସ, ଅଗ୍ନିଶମ ଫୋର୍ସ, ନିୟୋଜିତ ରହି ଶାନ୍ତିଶୃଙ୍ଖଳା, ଜରୁରୀକାଳୀନ ସେବା, ଯୋଗାଇ ଦେଇଥିଲେ, ବିଭିନ୍ନ ଅସାମାଜିକ ତତ୍ତ୍ୱ ଙ୍କ ଉପରେ ଦୃଷ୍ଟି ରଖିବାକୁ ସମଗ୍ର ବଡଦାଣ୍ଡ ଓ ଆଖପାଖ ଅଂଚଳ ରେ ସିସି କ୍ୟାମେରା ଲଗାଯାଇ କଣ୍ଟ୍ରୋଲ ରୁମ ରୁ ଅନୁଧ୍ୟାନ କରାଯାଉ ଥିଲା, ଯାତ୍ରା ସମୟରେ ଯାତ୍ରୀ ମାନଙ୍କ ଯାତାୟାତ ସୁବିଧା ପାଇଁ ଟ୍ରାଫିକ କଣ୍ଟ୍ରୋଲ ବ୍ୟବସ୍ଥା କୁ ଦୃଢ଼ କରାଯାଇଥିଲା, ପାରା ମେଡିକାଲ ଷ୍ଟାଫ, ଏନସିସି, ସ୍କାଉଟ, ଗାଇଡ଼, ରେଡ଼କ୍ରସ ର ସ୍ୱେଚ୍ଛାସେବୀ ମାନେ ତତ୍ପର ଥିଲେ ସହାୟତା ପାଇଁ, ଜିଲ୍ଲାପାଳ ବିଶାଲ ସିଂ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ବୃନ୍ଦ ଉପସ୍ଥିତ ରହି ଶୃଙ୍ଖଳିତ ରଥଯାତ୍ରା ପାଇଁ ସଜାଗ ଥିଲେ ପ୍ରତିଦିନ ସନ୍ଧ୍ୟାରେ ବଡଦାଣ୍ଡର ବିଭିନ୍ନ ମଟଂ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଶୁକ୍ରବାର ସନ୍ଧ୍ୟା ରେ ଶ୍ରୀଜୀଉ ମାନେ ଶ୍ରୀଗୁଣ୍ଡିଚା ମନ୍ଦିର କୁ ବିଜେ କରିବେ, ଶନିବାର ଠାରୁ କୃଷ୍ଣ ବଳରାମ, ରାମଲକ୍ଷ୍ମଣ, କଳ୍କୀପର୍ଶୁରାମ, ରୁଦ୍ର ନାରାୟଣ, ନୃସିଂହବାମନ, ଆଦି ବେଶ ରେ ସଜ୍ଜିତ ହୋଇ ଭକ୍ତମାନଙ୍କ ପାପ ହରଣ କରିବେ, ଆସନ୍ତା ୨୫ତାରିଖରେ ବଡ଼ଏକାଦଶୀ ଅବସରରେ ଶ୍ରୀ ଜୀଉ ମାନେ ଦୁର୍ଲଭ ସୁନାବେଶ ରେ ରଥ ଉପରେ ବିରାଜମାନ ହେବେ, ରଥ ଦାଣ୍ଡ ହାଟ ପଡିଆ ରେ ବିଭିନ୍ନ ଦୋକାନବଜାର, ମେଳା, ଦୋଳି ଫୁଡପାର୍କ ସ୍ଥାପନ ହୋଇ ଭକ୍ତ ମାନଙ୍କ ମନୋରଞ୍ଜନର ମାଧମ ହୋଇପାରିଛି।

## ପାରଳା ବିଧାୟକଙ୍କ ଅଚାନକ ଗସ୍ତ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅନୁପସ୍ଥିତ



କାଶୀନଗର,୧୭/୭/(ନି/ପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡ଼ା ପଚାଂୟତ ଅଧୀନରେ ଥିବା ନାଭଡା ପ୍ରାଥମିକ ବିଦ୍ୟାଳୟ ଯେଉଁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ପଚଂମ ଶ୍ରେଣୀ ଯାଏଁ ପାଠ ପଢା ଯାଉଛି ଯେଉଁଠି ୨୧ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରିଥାନ୍ତି। ଆଜି କୌଣସି ଛୁଟି ଦିନ ମଧ ନଥିଲେ ବି କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ନ ଥିବା ସମସ୍ତଙ୍କୁ ଚକିତ କରିଛି। ଆଜି ହଠାତ ସ୍ଥାନୀୟ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ ଓ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ସେହି ବିଦ୍ୟାଳୟରେ ଆକସ୍ମିକ ଭାବେ ପହଚିଂ ପରିଦର୍ଶନ କରିଥିବା ବେଳେ ବିଦ୍ୟାଳୟର ଶ୍ରେଣୀ କକ୍ଷରେ କୌଣସି ଛାତ୍ରଛାତ୍ରୀ ଉପସ୍ଥିତ ନ ଥିବା ଦେଖି ତାଜୁବ ହୋଇ ଉପସ୍ଥିତ ଥିବା ଶିକ୍ଷକ ରଜନୀକାନ୍ତ ମହାପାତ୍ରଙ୍କୁ ଏ ବିଷୟରେ ପଚାରିବାରୁ କୌଣସି ସଠିକ ଉତ୍ତର ଦେଇପାରିନଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରେଇ ତୁରନ୍ତ ବିଦ୍ୟାଳୟ ସୁଚାରୁ ରୂପେ ଚାଲୁ ରହିବା ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବେ ସେଥିପାଇଁ ଅଭିଭାବକମାନଙ୍କ ସହ ଯୋଗାଯୋଗ କରି ଉଚିତ ପଦକ୍ଷେପ ନେବା ସହ ଶ୍ରେଣୀ କକ୍ଷ ଚାଲୁ ରହିବା ନିମନ୍ତେ ନିର୍ଦ୍ଦେଶ ଦେଇ ଥିବା ସୂଚନା ମିଳିଛି। ଏଣେ ବିଧାୟକଙ୍କ ଗସ୍ତ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ ଛୁଟିରେ ଥିବା ସୂଚନା ହସ୍ତଗତ ହୋଇଛି।

## ରାମ ମନ୍ଦିର ଚାନ୍ଦା ହେରଫେର ଅଭିଯୋଗ :

### ଆସ୍ଥା ନାମରେ ରାଜନୀତି ଓ ଲୁଟ୍‌କୁ ନେଇ ବର୍ଷିଲା କଂଗ୍ରେସ, ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

କେନ୍ଦୁଝର,୧୭/୭(ନି/ପ୍ର): ରାମ ମନ୍ଦିର ନିର୍ମାଣ ପାଇଁ ଦେଶର କୋଟି କୋଟି ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ ଦାନ ଓ ଭେଟି ଅର୍ଥର ଅନିୟମିତତାକୁ ନେଇ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶାସକ ବିଜେପି-ଆରଏସଏସ ମଡେଲ ଉପରେ ତୀବ୍ର ଆକ୍ରମଣ କରାଯାଇଛି। ଭଗବାନ ରାମଙ୍କ ନାମରେ ସଂଗ୍ରହ କରାଯାଇଥିବା ଅର୍ଥ ରାଜନୈତିକ ମୁନାଫାଖୋରୀର ଶିକାର ହୋଇଥିବା ନେଇ କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି। ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ଗରିବ ପରିବାର, ଚାଷୀ, ଶ୍ରମିକ ଓ ମହିଳାମାନେ ନିଜର କଷ୍ଟଅର୍ଜିତ ସଂଚୟ ଏବଂ ଅଳଙ୍କାର ରାମ ମନ୍ଦିର ପାଇଁ ଦାନ କରିଥିବା ବେଳେ, ଏହି ଆସ୍ଥା ଓ ବିଶ୍ୱାସ ପ୍ରତି ବଡ଼ ବିଶ୍ୱାସଘାତକତା କରାଯାଇଛି ବୋଲି ଦଳ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ କହିଛନ୍ତି ଯେ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରାଯିବା ହିଁ ପ୍ରମାଣ କରୁଛି ଯେ ଏହି ମାମଲା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏକ ବଡ଼ ଦୁର୍ନୀତିର ଆଡ଼କୁ ଇସାରା କରୁଛି। ଟ୍ରଷ୍ଟର ଅନ୍ୟତମ ବରିଷ୍ଠ ସଦସ୍ୟ ଗୋବିନ୍ଦ ଦେବ ଗିରି ଓ ଗୋପାଳ ରାଓଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବଂ ନୂତନ ସାଧାରଣ ସମ୍ପାଦକ କୃଷ୍ଣମୋହନଙ୍କ ନିଯୁକ୍ତିକୁ ନେଇ ଦଳ ପ୍ରଶ୍ନ ଉଠାଇଛି। ଦୁର୍ନୀତିକୁ ଲୁଚାଇବା ପାଇଁ କେବଳ କନିଷ୍ଠ ଓ ନିମ୍ନ ସ୍ତରର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ଶୀର୍ଷ ସ୍ତରର ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି କଂଗ୍ରେସ କହିଛି।ସ୍ୱତନ୍ତ୍ର ତଦନ୍ତକାରୀ ଦଳବର୍ତ୍ତମାନ ଏହି ମାମଲାରେ ବଡ଼ ବଡ଼ କାର୍ଯ୍ୟକ୍ରମର ଖର୍ଚ୍ଚ ଉପରେ ନଜର ପକାଇଛି।୨୨ ଜାନୁଆରୀ ୨୦୪ ର ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ପ୍ରାୟ ୧୧୩ କୋଟି ଟଙ୍କା ବ୍ୟୟ ହୋଇଥିଲା।୨୫ ନଭେମ୍ବର ର ପତାକା ଉତ୍ତୋଳନ ଉତ୍ସବରେ ପ୍ରାୟ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସ୍ୱାଧୀନ ନ୍ୟାୟିକ ତଦନ୍ତ କରାଯାଉ।ବର୍ତ୍ତମାନର ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ତୁରନ୍ତ ଭଙ୍ଗ କରାଯାଇ ଧାର୍ମିକ ନେତା, ବିଶିଷ୍ଟ ନାଗରିକ ଏବଂ ପ୍ରଶାସନିକ ବିଶେଷଜ୍ଞମାନଙ୍କୁ ନେଇ ଏହାର ପୁନର୍ଗଠନ କରାଯାଉ। ରାମ ମନ୍ଦିର ସହ ଜଡ଼ିତ ସମସ୍ତ ଦାନ, ଜମି କାରବାର ଓ ବ୍ୟୟର ଏକ ସ୍ୱାଧୀନ ଫୋରେନ୍ସିକ ଅଡିଟ୍ କରାଯାଇ ଏହାର ରିପୋର୍ଟ ସାର୍ବଜନୀନ କରାଯାଉ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମୋହନ ଚରଣ ପରିଡା, ମୁଖପାତ୍ର ଦୀପକ କୁମାର ରାଜ ତାଙ୍କୁ ସହଯୋଗ କରିଥିଲେ ଲଳିତ ମୋହନ ନାୟକ, ଉନ୍ନମ ସାହୁ, ସୁଢଳ କୁମାର ସେଠୀ, ରତ୍ନାକର ଜେନା, ପୂର୍ଣଚନ୍ଦ୍ର ଦାସ, ଦିନେଶ ରାଉତ, ପ୍ରଦୀପ ଦାସ ପ୍ରମୁଖ ଥିଲେ ।

## ଖୋର୍ଦ୍ଧା ପ୍ରିମିୟର ଲିଗ ଇଗଲ ଇଂଭିନ୍ସିବିଲକୁ ହରାଇ ଜଟଣୀ ଆନ ଇଣ୍ଡିଆନ ଚମ୍ପିୟାନ

ଖୋର୍ଦ୍ଧା,୧୭/୭(ନି/ପ୍ର): ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମ ଠାର ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ର ଫାଇନାଲ ମ୍ୟାଚ ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଇଗଲ ଇଂଭିନ୍ସିବିଲ ଖୋର୍ଦ୍ଧା କୁ ୭ ରନ ରେ ପରାସ୍ତ କରି ଚମ୍ପିୟାନ ହୋଇଛନ୍ତି। ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ୩ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରଂଜିତ ପାଇକରାୟ ସର୍ବାଧିକ ୬୨ ରନ ଓ ରଶ୍ମୀକାନ୍ତ ଦାସ ୩୬ ରନ କରିଥିଲେ। ଜବାବରେ ଖୋର୍ଦ୍ଧା ଇଗଲ ଦଳ ୧୦ ଓଭର ୫ୱିକେଟ ହରାଇ ୧୨୮ ରନ ରେ ସୀମିତ ରହିଥିଲେ ।ଇଗଲ ଦଳ ତରଫରୁ ରାକେଶ ପଟ୍ଟନାୟକ ସର୍ବାଧିକ ୮୩ ରନ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ରଂଜିତ ପାଇକରାୟ ଙ୍କୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ସୁମିତ ମହାରଣା ପୁରସ୍କୃତ ହୋଇଥିଲେ।ମୁଖ୍ୟ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଜାତୀୟ ମହିଳା ଖେଳାଳୀ ମାଧୁରୀ ମେହେଟା, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ପୌରାଧକ୍ଷ ସଂଯୁକ୍ତା ସାହୁ,୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ରନର୍ସ ଅପ ହୋଇଥିବା ଇଗଲ ଦଳ କୁ ୪୦୦୦୦ ଟଙ୍କା ଓ ଟ୍ରଫି ଏବଂ ଚମ୍ପିୟାନ ହୋଇଥିବା ଜଟଣୀ ଦଳ କୁ ୬୦୦୦୦ ଟଙ୍କା ଶହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ।ପୂର୍ବରୁ ଓଡିଶା ଆନ୍ତଃ ଜିଲ୍ଲା ଟୁର୍ନାମେଂଟରେ ଖୋର୍ଦ୍ଧା ୧୬ ବର୍ଷରୁ କମ କ୍ରିକେଟ ରେ ଉପବିଜେତା ହୋଇଥିବାରୁ ସବୁ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ୫ ଜଣ ମହିଳା କ୍ରିକେଟରଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶନିବାର ୧୮ ଜୁଲାଇ ୨୦୨୬**

## ସମ୍ରାଟଙ୍କ ସମାଜବାଦ

ଆୟିନ୍ ର୍ୟାଣ୍ଡ୍‌ଙ୍କ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ''ଯୁକ୍ତିଯୁକ୍ତ ଆତ୍ମସ୍ୱାର୍ଥ'' ବା ''ରେସନାଲ୍ ସେଲ୍‌ଫ ଇଣ୍ଟେରେଷ୍ଟ'' ଦ୍ୱାରା ପରିଚାଳିତ ହୋଇ ନିଜ ପାଇଁ ସଂପଦ ସୃଷ୍ଟି କରିବାରେ ପ୍ରବୃତ୍ତ ହେଲେ ତାହାର ମିଳିତ ସୁଫଳ ସ୍ୱରୂପ ସେ ସମାଜ ବା ଗୋଷ୍ଠୀ ସର୍ବାଧିକ ସଂପଦର ଅଧିକାରୀ ହୋଇଥାଏ । ସୁପ୍ରିମ୍ କୋର୍ଟଙ୍କ ରାୟ ସେଇ ଲକ୍ଷ୍ୟ ହାସଲ ପାଇଁ ପଥ ପରିଷ୍କାର କରିଛି । ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏକ ନ'ଜଣିଆ ବେଞ୍ଚ ଦେଶରେ ସଂପତ୍ତିର ଘରୋଇ ମାଲିକାନା ପୁନଃସ୍ଥାପନ କରିବା ପାଇଁ ରାୟ ଦେବା ଅବସରରେ ଅତୀତରେ ଏ ସଂପର୍କରେ ସେମାନଙ୍କର ଜଣେ ପ୍ରଖ୍ୟାତ ପୂର୍ବସୂରୀ ପ୍ରକାଶ କରିଥିବା ବହୁଚର୍ଚ୍ଚିତ ଅଭିମୁଖ୍ୟକୁ ଆଲୋଚନା ପରିସରଭୁକ୍ତ କରିବାକୁ ଓ ତାହାର ଖଣ୍ଡନ କରିବାକୁ ଉଚିତ ମନେ କରିଛନ୍ତି । ଏହି ଦିବଂଗତ ନ୍ୟାୟାଧୀଶ ହେଉଛନ୍ତି ପଦ୍ମବିଭୂଷଣ ସମ୍ମାନ ଦ୍ୱାରା ଭୂଷିତ ଜଷ୍ଟିସ୍ ବେ ?ଦ୍ୟନାଥପୁରମ୍ ରାମ ଆୟାର୍ କ୍ରିଷ୍ଣା ଆୟାର ଯିଏ ୧୯୭୮ରେ ଏକ ମାମଲାରେ ନିଜର ସଂଖ୍ୟାଲଘୁ ନିର୍ଦ୍ଦେଶ ପ୍ରଦାନ କରି କହିଥିଲେ ଯେ ଘରୋଇ ମାଲିକାନାରେ ଥିବା ପାର୍ଥିବ ସମ୍ବଳମାନଙ୍କୁ ମଧ୍ୟ ଗୋଷ୍ଠୀର ସମ୍ବଳ ରୂପେ ବିଚାର କରାଯାଇପାରିବ । ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଜଷ୍ଟିସ୍ ଆୟାରଙ୍କର ଏହି ମତାମତକୁ ଏକ ନିର୍ଦ୍ଦିଷ୍ଟ ଆଦର୍ଶଗତ ଚିନ୍ତାଧାରାର ଅଂଶ ରୂପେ ଅଭିହିତ କରି ଇତିମଧ୍ୟରେ ଦେଶ ସେଭଳି ଚିନ୍ତାଧାରା ଠାରୁ ଦୂରେଇ ଯାଇ ଚମକପ୍ରଦ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଚେତାଇ ଦେଇଛନ୍ତି । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବଶ୍ୟ ଜଷ୍ଟିସ୍ ଆୟାରଙ୍କର ଏ ଯେଉଁ ଚିନ୍ତାଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହାର ନାମ କାହାରିକୁ ଅଛପା ନୁହେଁ- ସମାଜବାଦ । ଜଷ୍ଟିସ୍ ଆୟାରଙ୍କ ପରି ଜଣେ ବିଚକ୍ଷଣ ନ୍ୟାୟବିତ୍ ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସାଧାରଣତଃ କାର୍ଲ ମାର୍କସ୍‌ଙ୍କୁ ଏହି ରାଜନୈତିକ-ଅର୍ଥନୈତିକ ଚିନ୍ତାଧାରାର ଜନକ ରୂପେ ବିଚାର କରାଯାଉଥିଲେ ହେଁ, ଇତିହାସ ସାରା ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଭଳି ଏକ ନ୍ୟାୟୋଚିତ ଆଦର୍ଶରେ ବିଶ୍ୱାସ କରୁଥିବା ଅନେକ ଦାର୍ଶନିକମାନଙ୍କ ଠାରୁ ରାଷ୍ଟ୍ର ନାୟକମାନଙ୍କ ପର୍ଯ୍ୟନ୍ତ ଏହି ମତବାଦ ଦ୍ୱାରା ଆକର୍ଷିତ ହେବା ଦେଖାଯାଇଛି । ସମାଜବାଦ ଯେ ହେଉଛି ଏକ ଅତ୍ୟନ୍ତ ମହତ୍ ଆଦର୍ଶ, ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସେଇ ଇତିହାସ ସାରା ଦେଖାଯାଇଛି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ ସର୍ବଦା ବିଫଳତା କିମ୍ବା ବିପର୍ଯ୍ୟୟରେ ପରିସମାପ୍ତ ହୋଇଛି । ଆଧୁନିକ ସମୟର ସୋଭିଏତ୍ ରୁଷିଆରୁ ପ୍ରାଚୀନ ରୋମ୍ ପର୍ଯ୍ୟନ୍ତରେ ସମାଜବାଦର ଯେଉଁ ପରାଜୟ ଘଟିବା ଦେଖା ହୋଇଆସିଛି, ତାହା ଏକ ଆଦର୍ଶ ଭାବରେ ଏହି ମତବାଦର କେ ?ଣସି ଦୁର୍ବଳତା ଯୋଗୁଁ ନୁହେଁ, ତାହା ହେଉଛି ମନୁଷ୍ୟ ଚରିତ୍ରର ଅନ୍ତର୍ନିହିତ ସ୍ୱାର୍ଥକେ ?ନ୍ଦ୍ରିକ ଆଭିମୁଖ୍ୟ ଓ ବିଷମ ପାରଦର୍ଶିତା ଯୋଗୁଁ । ସମାଜବାଦର ଏହି ବିଫଳତାର ଏକ ପ୍ରାଚୀନତମ ଉଦାହରଣ ରୂପେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମ୍ ?ର ସମ୍ରାଟ୍ ଡାୟୋକ୍ଲିସନ୍ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କରିଥିବା ଉଦ୍ୟମ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଇପାରେ । ନିଜର ପ୍ରଜାମାନେ ଭୋଗୁଥିବା ଦାରିଦ୍ର୍ୟ ଓ ସେଥିଯୋଗୁଁ ସେମାନେ ପ୍ରଦର୍ଶନ କରୁଥିବା ଅସନ୍ତୋଷ ଓ ଅସ୍ଥିରତା ଦ୍ୱାରା ବିଚଳିତ ହୋଇ ସମ୍ରାଟ୍ ଡାୟୋକ୍ଲିସନ୍ ପରିସ୍ଥିତି ସମ୍ଭାଳିବା ନିମିନ୍ତ ଯେଉଁ ଆଦେଶନାମା ଜାରି କରିଥିଲେ ତାହା ଆଜିର ଯେ କେ ?ଣସି ସମାଜବାଦୀ ରାଷ୍ଟ୍ରର ଲକ୍ଷଣମାନ ବହନ କରିଥାଏ ଏବଂ ଯାହାର ଅନେକାଂଶ ସହିତ ଆମେମାନେ ମଧ୍ୟ ସୁପରିଚିତ । ଏହି ଆଦେଶନାମାରେ ସମ୍ରାଟ୍ ବଜାରରେ ଜିନିଷପତ୍ରର ଦର ବୃଦ୍ଧି ଘଟାଇ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟରେ ଯେଉଁ ଏକଚାଟିଆ ବ୍ୟବସାୟୀମାନେ ସେଗୁଡ଼ିକୁ ବଜାରକୁ ନ ଛାଡ଼ି ମହଜୁଦ କରି ରଖୁଥିଲେ, ସେମାନଙ୍କୁ ଧମକ ଦେବା ସହିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ଓ ସେବାମାନଙ୍କର ସର୍ବୋଚ୍ଚ ଦର ନିର୍ଦ୍ଧାରଣ କରିଥିଲେ । ସେ ମଧ୍ୟ ମଜୁରିର ନିର୍ଦ୍ଦିଷ୍ଟ ହାର ନିର୍ଦ୍ଧାରଣ କରିଥିଲେ । ବେକାର ନାଗରିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ସମ୍ରାଟ୍ ବିଭିନ୍ନ କର୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରିଥିଲେ । ଅଭାବଗ୍ରସ୍ତ ଜନସାଧାରଣଙ୍କୁ ଆହାର ଯୋଗାଇବା ନିମିନ୍ତ ପ୍ରଶାସନ ମାଗଣା ଖାଦ୍ୟ ବଣ୍ଟନ ଯୋଜନାମାନ କାର୍ଯ୍ୟକାରୀ କରିଥିଲା । ସରକାର ସମସ୍ତ ଖଣି ଖାଦାନ ସହିତ ସମସ୍ତ ଶିଳ୍ପ ଅନୁଷ୍ଠାନମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ, ଯାହା ଆଧୁନିକ ସମୟରେ ଜାତୀୟକରଣ ନାମରେ ପରିଚିତ । ଯେଉଁ କେତେକ ଶିଳ୍ପ ବ୍ୟବସାୟ ସମ୍ରାଟ୍ ?ଙ୍କର ଏହି ସମାଜବାଦୀ ଅଭିଯାନ (ଏହା ପରସ୍ପର-ବିରୋଧୀ ମନେ ହୋଇ ନ ଥାଏ କି ?)ରୁ ବର୍ତ୍ତିଯାଇ ଘରୋଇ କ୍ଷେତ୍ରରେ ବ୍ୟବସାୟ କରୁଥିଲେ, ସରକାର ସେମାନଙ୍କ ଉପରେ ଯେଉଁ ଅସହନୀୟ କର ଭାର ଲଦି ଦେଉଥିଲେ, ତାହା ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । (ଯେମିତି ଜଷ୍ଟିସ୍ ଆୟାରଙ୍କ ସମୟରେ ଭାରତରେ ଆୟ କରର ସର୍ବୋଚ୍ଚ ହାର ଥିଲା ୯୭.୫ ଶତାଂଶ !) ଏହି ବିସ୍ତୃତ ସମାଜବାଦୀ ବ୍ୟବସ୍ଥାର ତଦାରଖ କରିବା ପାଇଁ ସମ୍ରାଟ୍ ଯେଉଁ ବିଶାଳ ଅମଲାତନ୍ତ୍ର ସୃଷ୍ଟି କଲେ ତାହା ଅବିଳମ୍ବେ ଘୋର ଦୁର୍ନୀତିପ୍ରବଣ ହୋଇ ସାଧାରଣ ନାଗରିକମାନଙ୍କୁ ଶୋଷଣ କରିବାରେ ଲାଗିଗଲା । ବ୍ୟକ୍ତିଗତ ବା ଘରୋଇ ସଂପତ୍ତି ଉପରେ ମାଲିକାନା ହରାଇ, କର ଭାରରେ ଅତିଷ୍ଠ ହୋଇ, ଅମଲାତନ୍ତ୍ର ଦ୍ୱାରା ଅତ୍ୟାଚାରିତ ହୋଇ ହଜାର ହଜାର ସଂଖ୍ୟାରେ ରୋମ୍‌ର ନାଗରିକମାନେ ସୀମା ଅତିକ୍ରମ କରି ରାଜ୍ୟ ବାହାରକୁ ପଳାୟନ କରିବାରେ ଲାଗିଲେ । ସମ୍ରାଟ୍‌ଙ୍କ ସମାଜବାଦ ଶେଷରେ ଭୁଶୁଡ଼ି ପଡ଼ିଲା ଓ ସମ୍ରାଟ୍ ସ୍ୱେଚ୍ଛାରେ ରାଜପଦ ତ୍ୟାଗ କଲେ । ଭାରତୀୟ ଅର୍ଥନୀତି ୧୯୯୦ ଦଶକରେ ତା'ର ସମାଜବାଦୀ ଅଭିଯାନରୁ ନିବୃତ ହୋଇ ଯାତ୍ରାର ଦିଗ ପରିବର୍ତ୍ତନ କରିବାରୁ ଯେ ଏଇଭଳି ଏକ ସମାଜବାଦୀ ବିପର୍ଯ୍ୟୟରୁ ରକ୍ଷା ପାଇଗଲା, ଏଥିରେ କେ ?ଣସି ସନ୍ଦେହ ନାହିଁ । ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଭାରତୀୟ ଅର୍ଥନୀତିର ଏହି ଉଦାରୀକରଣ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଏହି ପରିବର୍ତ୍ତିତ ପରିସ୍ଥିତିରେ ସଂବିଧାନର ଧାରା ୩୯ (ବି)ରେ ଉଲ୍ଲେଖ ଥିବା ''ଗୋଷ୍ଠୀର ପାର୍ଥିବ ସମ୍ବଳ'' ପରିସରରୁ ଘରୋଇ ମାଲିକାନାରେ ଥିବା ସଂପତିସବୁକୁ ପ୍ରାୟ ବାଦ୍ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ କେବଳ ସର୍ବସାଧାରଣଙ୍କ ମଙ୍ଗଳକୁ ପ୍ରଭାବିତ କରୁଥିବା କେତେକ ବିଶେଷ

## ମା' ଶ୍ରୀ ସରସ୍ୱତୀ ଦେବୀ ଓ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ

ପୁରୀ ଗୋବର୍ଦ୍ଧନ ମଠର ଅବସ୍ଥିତି ଶ୍ରୀକ୍ଷେତ୍ରରେ । ହିନ୍ଦୁଧର୍ମର ଗୁରୁଭାବରେ ସଦାପୂଜ୍ୟ ଆଦିଶଙ୍କରଙ୍କ ଦ୍ୱାରା ସାରା ଭାରତରେ ପ୍ରତିଷ୍ଠା ଲାଭ ପାଇଥିବା ଚାରିଗୋଟି ମଠ ମଧ୍ୟରୁ ଏହା ଅଗ୍ରଗଣ୍ୟ । ଆନୁମାନିକ ୨୫୨୪ ବର୍ଷ ପୂର୍ବେ ଆଦି ଶଙ୍କରଙ୍କର ଆର୍ବିଭାବ ହୋଇଥିଲା । ବୈଦିକ ସନାତନ ଧର୍ମର ପୁନର୍ନବୀକରଣରେ ଆଦିଶଙ୍କରଙ୍କର ଅବଦାନ ଅବିସମ୍ବାଦିତ । ଏଥିପାଇଁ ସିଏ ଭାରତର ଚାରି ଦିଗରେ ଚାରିଗୋଟି ମଠ ପ୍ରତିଷ୍ଠା କରିବା ସହିତ ସେହି ମଠମାନଙ୍କୁ ଗୁରୁକୁଳ ଆଶ୍ରମ ବୈଦିକ ପାଠଶାଳାରେ ପରିଣତ କରିଦେଇଥିଲେ । ଏହି ମଠଗୁଡ଼ିକ ଦକ୍ଷିଣରେ ରାମେଶ୍ୱର ଶୃଙ୍ଗେରୀ ମଠ, ଉତ୍ତରରେ ବଦ୍ରିନାଥ ଜ୍ୟୋତିର୍ମଠ, ପଶ୍ଚିମରେ ଦ୍ୱାରକା ମଠ ଓ ପୂର୍ବରେ ପୁରୀଠାରେ ଗୋବର୍ଦ୍ଧନ ମଠ ନାମରେ ନାମିତ । ମଠ ପ୍ରତିଷ୍ଠା ପରେ ଏହାର ସୁସଂଚାଳନ ପାଇଁ ଆଦି ଶଙ୍କର ନିଜର ପ୍ରଧାନ ଚାରିଶିଷ୍ୟଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସେମାନେ ହେଲେ :- ପଦ୍ମପାଦ, ହସ୍ତମଳକ, ଭର୍ତ୍ତିକାକର ଓ ତୋଟକାଚାର୍ଯ୍ୟ । ଆଦି ଶଙ୍କରଙ୍କର ସିଦ୍ଧାନ୍ତ କଳ୍ପେ, ଏମାନେ ଶଙ୍କରାଚାର୍ଯ୍ୟ ନାମରେ ନାମିତ ହେଲେ । ଆଦିଶଙ୍କର କୃତ 'ମଠାମ୍ନାୟ ମହାନୁଶାସନମ'ରେ ଏ ସଂପର୍କରେ ସ୍ପଷ୍ଟ ଘୋଷଣା ରହିଛି । ଶ୍ରୀକ୍ଷେତ୍ରରେ ଥିବା ଗୋବର୍ଦ୍ଧନପୀଠ ଶ୍ରୀଜଗନ୍ନାଥ ମନ୍ଦିର ସହିତ ଆତ୍ମିକ ଭାବେ ସଂଶ୍ଳିଷ୍ଟ । ପଦ୍ମପାଦାଚାର୍ଯ୍ୟ ଏହି ମଠର ଥିଲେ ପ୍ରଥମ ମଠାଧୀଶ । ଆଚାର୍ଯ୍ୟ ଆଦିଶଙ୍କରଙ୍କ ପ୍ରଥମ ଶିଷ୍ୟ ପଦ୍ମପାଦ ନିଜର ଅତୁଳନୀୟ ଗୁରୁଭକ୍ତି ଓ ଐଶ୍ୱର୍ଯ୍ୟ ଶକ୍ତି ସକାଶେ ଥିଲେ ସମସ୍ତଙ୍କର ବନ୍ଦନୀୟ । ନୃସିଂହ ମନ୍ତ୍ରରେ ସିଦ୍ଧସ୍ୱାମୀ ପଦ୍ମପାଦଙ୍କୁ ପ୍ରଥମ ଅଧ୍ୟକ୍ଷ ଭାବରେ ପାଇ ଗୋବର୍ଦ୍ଧନ ପୀଠ ଗୌରବାନ୍ୱିତ ହେଲା । ଆଚାର୍ଯ୍ୟ ଶଙ୍କର ପୀଠାଧୀଶ ରୂପେ ପଦ୍ମପାଦଙ୍କୁ ବୈଭବମୟ ପରିବେଶରେ ସ୍ୱହସ୍ତରେ ଅଭିଷିକ୍ତ କରାଇଥିଲେ । ଇତିବୃତରୁ ଜଣାଯାଏ ଯେ, ଦ୍ୱାରକାମଠର ମଠାଧୀଶ ସ୍ୱାମୀ ଭାରତୀକୃଷ୍ଣ ୧୯୨୫ ମସିହାରେ ଏହି ମଠର ଦାୟିତ୍ୱ ସମ୍ଭାଳି ଥିଲେ । ୧୯୬୦ ମସିହାରେ ଭାରତୀକୃଷ୍ଣଙ୍କ ମହାସମାଧି ହେଲା । ତାଙ୍କ ପରେ ନିରଞ୍ଜନଦେବ ତୀର୍ଥ ଦାୟିତ୍ୱ ଗ୍ରହଣ କଲେ । ଧର୍ମ ସମ୍ରାଟ୍ କରପାତ୍ରୀ ମହାରାଜଙ୍କ ଅନୁମୋଦନକ୍ରମେ ଗୃହସ୍ଥି ବିଦ୍ୱାନ ଶ୍ରୀ ନିରଞ୍ଜନଦେବ ତୀର୍ଥଙ୍କୁ ପ୍ରଥମେ ସନ୍ନ୍ୟାସ, ତତ୍ପରେ ଦଣ୍ଡି ଦେଇ ୧୯୬୧ ମସିହାରେ ୧୪୪ତମ ଶଙ୍କାରାଚାର୍ଯ୍ୟ ପଦରେ ଅଭିଷିକ୍ତ କରାଯାଇଥିଲା । ଶରୀରର ଅସୁସ୍ଥତା ପାଇଁ ଶ୍ରୀ ନିରଞ୍ଜନ ଦେବ ତୀର୍ଥସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ୧୯୯୨ ମସିହା ଫେବୃୟାରୀ ୯ ତାରିଖ ପବିତ୍ର ଶ୍ରୀପଚଂମୀ ତିଥିରେ ୧୪୫ତମ ଶଙ୍କରାଚାର୍ଯ୍ୟ ପଦରେ ଅଭିଷେକ କରାଇଥିଲେ । ୧୯୯୨ ମସିହାରୁ ଅଦ୍ୟାବଧି ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମଠାଧୀଶ ରହିଛନ୍ତି । ବୈଦିକ ଧର୍ମ ଶାସ୍ତ୍ରର ଉପଯୋଗୀତାକୁ ପ୍ରୟୋଗାତ୍ମକ ଭାବେ ଉପସ୍ଥାପନରେ ସେ ସିଦ୍ଧହସ୍ତ । ସ୍ୱାମୀ ନିଶ୍ଚଳାନନ୍ଦ ଗୋବର୍ଦ୍ଧନ ପୀଠର ଦାୟିତ୍ୱ ଗ୍ରହଣ କଲାପରେ ଶ୍ରୀମନ୍ଦିର,ଗୋବର୍ଦ୍ଧନ ପୀଠ ସମେତ ସର୍ବଭାରତୀୟ ପ୍ରେକ୍ଷାପଟ୍ଟରେ ଆଧ୍ୟାତ୍ମିକତାର ଏକ ନୂତନ ସ୍ପନ୍ଦନ ସୃଷ୍ଟି ହୋଇଛି । ଗୋବର୍ଦ୍ଧନ ମଠର ପ୍ରଥମ ପୀଠାଧୀଶଙ୍କଠାରୁ ପରମ୍ପରାକ୍ରମେ ଅନେକ ସୁଯୋଗ୍ୟ ଧର୍ମଭାବାପନ୍ନ ବ୍ୟକ୍ତି ପୀଠାଧିଶ ଆସନ ଅଳଂକୃତ କରିଆସିଛନ୍ତି । ଆଜକୁ ୨୫୦୦ବର୍ଷ ଧରି ସେହି ପରମ୍ପରା ଅକ୍ଷୁର୍ଣ୍ଣ ରହିଛି । ଆଚାର୍ଯ୍ୟ ଆଦି ଶଙ୍କରଙ୍କ ଉତ୍କଳ ଆଗମନ ଓ ପ୍ରସ୍ଥାନର ଅଢେଇ ହଜାର ବର୍ଷ ଅତୀତ ହୋଇଯାଇଥିଲେ ହେଁ ଆଚାର୍ଯ୍ୟଶଙ୍କରଙ୍କ କୃତି ଓ କୀର୍ତ୍ତିର ମହକ ଏବେ ମଧ୍ୟ ଉଜ୍ଜୀବୀତ ରହିଛି । ଶଙ୍କରଙ୍କ ନିର୍ଦ୍ଧାରିତ ଅଦ୍ୱୈତ ପରମ୍ପରାରେ ଶ୍ରୀମଦ୍ ଭାଗବତର ମହାନ ଟୀକାକାର ଥିଲେ ଶ୍ରୀଧର ସ୍ୱାମୀ ଓ ଶ୍ରୀ ମଧୁସୂଦନ ସରସ୍ୱତୀ । ଗୋବର୍ଦ୍ଧନ ପୀଠର ପୀଠାଧୀଶ ସ୍ୱାମୀ ଭାରତୀକୃଷ୍ଣ ବୈଦିକ ଗଣିତରେ ଅସାଧାରଣ ଦକ୍ଷତା ପ୍ରାପ୍ତ ହୋଇ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ । ତାହାଙ୍କ ପରେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିବାରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଅଗ୍ରଗଣ୍ୟ । ଆଧ୍ୟାତ୍ମିକ ତନ୍ତ୍ର ସମୂହର ବୈଜ୍ଞାନିକ ସିଦ୍ଧାନ୍ତ ନିର୍ଣ୍ଣୟ କରିବାରେ ସିଏ ସିଦ୍ଧହସ୍ତ । ଏପରିକି ଧର୍ମାନ୍ତରିକରଣକୁ ନେଇ ତାଙ୍କ ମତାମତ ଯଥେଷ୍ଟ ବଳିଷ୍ଠ ଓ ପ୍ରଭାବଶାଳୀ ଥିଲା । ଏକଦା ସେ ହିନ୍ଦୁ ଧର୍ମାନ୍ତରିକରଣ ପକ୍ରିୟାରେ ବ୍ୟଥିତ ହୋଇ କହିଥିଲେ ଯେ, ଯଦି ବ୍ୟକ୍ତିର ମୌଳିକ ଆବଶ୍ୟକତା ପୂରଣ ହୋଇପାରନ୍ତା ଓ ସାମାଜିକ ପ୍ରତିବନ୍ଧକ ହଟା ଯାଇପାରନ୍ତା ତେବେ ଧର୍ମାନ୍ତରିକରଣ ପ୍ରଶମିତ ହୋଇପାରନ୍ତା । ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ଆହ୍ଲାବାଦ ଉଚ୍ଚତମ ନ୍ୟାୟାଳୟ ଆଦିରେ ତାଙ୍କର ତେଜସ୍ୱୀ ସମ୍ଭାଷଣ ଉଲ୍ଲେଖନୀୟ । ବୈଦିକ ଗଣିତ ପ୍ରତି ତାଙ୍କର ଅବଦାନ ଅବର୍ଣ୍ଣନୀୟ । ଭାରତୀକୃଷ୍ଣଙ୍କ ଦ୍ୱାରା ପ୍ରଜ୍ୱଳିତ ବୈଦିକ ଅଙ୍କ ଦୀପଟି ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ହାତରେ ଏକ ମହାଦୀପରେ ପରିଣତ ହୋଇଛି । ଏ ସଂପର୍କରେ ସେ ପ୍ରାୟ ୧୦ଖଣ୍ଡ ଗଣିତ ଶାସ୍ତ୍ର ବେଦକୁ ଆଧାର କରି ରଚନା କରିଛନ୍ତି । ୧୯୪୩ ମସିହାରେ ନୀଳାମ୍ବର ଝା' ନାମଧରୀ ଉତର ଭାରତର ହରିପୁରଠାରେ ଜନ୍ମଗ୍ରହଣ କରିଥିବା ଆଜିର ନିଶ୍ଚଳାନନ୍ଦ ସରସ୍ୱତୀ ଏକଦା ପାଠପଢିବା ସମୟରେ ବିଜ୍ଞାନ, ଗଣିତ ଓ ଅନ୍ୟାନ୍ୟ ସଂସ୍କୃତ ଶାସ୍ତ୍ରରେ ଯଥେଷ୍ଟ ଆଗ୍ରହ ରଖୁଥିଲେ । ସେ ଥିଲେ ମିଥିଳା ନରେଶଙ୍କର ରାଜପଣ୍ଡିତ ଲାଲ୍ ବଂଶୀ ଝା ଏବଂ ଶ୍ରୀମତୀ ଗୀତା ଦେବୀଙ୍କର ତୃତୀୟ ସନ୍ତାନ । ବାଲ୍ୟକାଳରୁ ତାଙ୍କଠାରେ ଅନେକ ଅଲୌକିକ ଲକ୍ଷଣମାନ ପ୍ରକାଶ ପାଇଥିଲା । ପଦ୍ମାସନରେ ଘଟାଂ ଘଟାଂ ଧରି ବସି ରହି ଧ୍ୟାନସ୍ଥ ହୋଇଯାଉଥିଲେ । ମାତ୍ର ୧୬ବର୍ଷ ବୟସରେ ପ୍ରତ୍ୟକ୍ଷ ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ହୋଇ ଗୃହତ୍ୟାଗ କରି ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ । ଜ୍ୟୋତିର୍ମଠରେ ଶଙ୍କରାଚାର୍ଯ୍ୟଙ୍କ ଆଶିର୍ବାଦ ପ୍ରାପ୍ତ ହୋଇ "ଧ୍ରୁବଚୈତନ୍ୟ' ନାମରେ ନାମିତ ହେଲେ । ୧୯୭୦ ମସିହାରେ ବିଭିନ୍ନ ତୀର୍ଥ ପରିକ୍ରମା କରି ଶୁଦ୍ଧଜ୍ଞାନର ଅଧିକାରୀ ହେଲେ । ୧୯୭୪ ମସିହାରେ ଏହି ସାଧୁ ପରିବ୍ରାଜକ ନିଶ୍ଚଳାନନ୍ଦ ନାମରେ ପରିଚିତ ହେଲେ । ତାଙ୍କ ଅସାଧାରଣ ଜ୍ଞାନ ତଥା ବିଦ୍ୱତା ସର୍ବଭାରତୀୟ ସ୍ତରରେ ତାଙ୍କୁ ଏକ ମର୍ଯ୍ୟାଦାମୟ ସମ୍ମାନରେ ସମ୍ମାନିତ କରାଇଲା ଓ ୧୯୯୨ ମସିହାରେ ଗୋବର୍ଦ୍ଧନ ପୀଠର ହେଲେ ପୀଠାଧୀଶ । ୨୦୦୬ ମସିହାରେ ତାଙ୍କ ବୈଦିକ ଗଣିତ ସବୁ ଲୋକଲୋଚୋନକୁ ଆସିବାରେ ସାରା ବିଶ୍ୱର ଗଣିତଜ୍ଞ ତାଙ୍କ ପ୍ରତି ଆକୃଷ୍ଟ ହେଲେ । ଶୂନ୍ୟର ଗୁରୁତ୍ୱ ଦର୍ଶାଇ ସିଏ ବିଶ୍ୱର ଦୃଷ୍ଟି ଆକର୍ଷକ ହେଲେ । ତାଙ୍କର ଯୁକ୍ତି ଅନୁସାରେ ଶୂନର ସ୍ଥାନ ଏକର ଉପରେ । ଏଥିପାଇଁ ସେ ୧୮ଗୋଟି ସୂତ୍ରର ପ୍ରଣୟନ କରିଛନ୍ତି ଯାହା ତାଙ୍କ ନିଷ୍କର୍ଷକୁ ନିର୍ବିବାଦୀୟ କରିପାରିଛି । କେବଳ ଏତିକି ନୁହେଁ ସାରା ବିଶ୍ୱରେ ବୈଦିକ ଗଣିତ ବର୍ତମାନ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପାଇଁ ଏକ ଆନ୍ଦୋଳନରେ ପରିଣତ ହୋଇପାରିଛି । ଏହା ସହିତ ମାନବିକ ସକଳ ସମସ୍ୟା ସମେତ ରାଷ୍ଟ୍ରୀୟ ସମସ୍ୟାର ସମାଧାନ ସୂତ୍ର ପ୍ରଣୟନରେ ସେ ଯଥେଷ୍ଟ ପଟୁତା ଅର୍ଜନ କରିଛନ୍ତି । ଆଜି ବିଶ୍ୱ କଂପ୍ୟୁଟରର ବ୍ୟାପକ ପ୍ରଚଳନ କରୁଥିବା ସମୟରେ ସ୍ୱାମୀ ନିଶ୍ଚଳାନନ୍ଦ କୁହନ୍ତି ଯେ କଂପ୍ୟୁଟରର ମୌଳିକ ତତ୍ୱ ବେଦରେ ରହିଛି । ବେଦ ହିଁ କଂପ୍ୟୁଟରର ବିକାଶର ମୂଳଭିତ୍ତି । ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ଗୋବର୍ଦ୍ଧନ ମଠର ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ଗଙ୍ଗା ସୁରକ୍ଷା ଅଭିଯାନ, ଗୋରକ୍ଷା ଅଭିଯାନ ତଥା ରାଷ୍ଟ୍ରୋତ୍କର୍ଷ ଅଭିଯାନ ଆଦି ସମଗ୍ର ଭାରତ ବର୍ଷରେ ସେବା ଓ ସମାଜ କଲ୍ୟାଣର ବ୍ରତୀ ଥିବା ଅନୁଷ୍ଠାନମାନ ରହିଛନ୍ତି । ଉଲ୍ଲେଖନୀୟ ଏବଂ କ୍ଷୋଭର କଥା ଯେ, ଏକଦା ଦେଶରେ ଗୋମାତାର ସୁରକ୍ଷା ପାଇଁ ଗୋ-ସୁରକ୍ଷା ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ସ୍ୱାମୀଜୀ ତା. ୦୯.୧୧.୧୯୬୬ରୁ ୫୨ଦିନ ପର୍ଯ୍ୟନ୍ତ ତିହାର ଜେଲରେ ବନ୍ଦୀ ଭାବେ ରହିଥିଲେ । ଏହା ସତ୍ତ୍ୱେ ଆଦିଶଙ୍କରଙ୍କ ଭଳି ଧର୍ମ ସୁରକ୍ଷା ମାର୍ଗରେ ଅବିଶ୍ରାନ୍ତ ଆଗେଇ ଚାଲିଛନ୍ତି । ଦେଶର ଅଖଣ୍ଡତା, ସୀମାସୁରକ୍ଷା, ଗୋ ଓ ଗଙ୍ଗା ସୁରକ୍ଷା, ମହିଳା ଜାଗରଣ, ପର୍ଯ୍ୟବରଣ ସୁରକ୍ଷା, ରାମସେତୁ ରକ୍ଷା, ଧର୍ମାନ୍ତରିକରଣ ଅବରୁଦ୍ଧ କରିବା ଇତ୍ୟାଦି ମହାନ୍ ଧର୍ମ ରକ୍ଷା କାର୍ଯ୍ୟରେ ଥକି ଯାଇନାହାଁନ୍ତି । ସବୁଠୁ ଗୌରବର ବିଷୟ ଯେ, ୧୯୮୯ ମସିହାରୁ ବିଭିନ୍ନ ସମୟରେ ବିଶ୍ୱ ବ୍ୟାଙ୍କ ଗୁରୁଜୀଙ୍କ ପରାମର୍ଶକ୍ରମେ ଆନ୍ତର୍ଜାତୀୟ ଆର୍ଥିକ ସମସ୍ୟାର ସମାଧାନ କରିଛନ୍ତି । ଏପରିକି ସଂଯୁକ୍ତ ରାଷ୍ଟ୍ର ସଂଘ ମଧ୍ୟ ସ୍ୱାମୀଜୀଙ୍କଠାରୁ ମାର୍ଗଦର୍ଶନ କାମନା କରିଥାଆନ୍ତି । ଆଧୁନିକ ଉଦ୍ଭାବକମାନେ ସ୍ୱାମୀ ନିଶ୍ଚଳାନନ୍ଦଙ୍କ ଅନୁଶୀଳିତ ଓ ରଚିତ 'ସ୍ୱସ୍ତିକ ଗଣିତ', 'ଅଙ୍କ ପଦାୟମ୍' ଓ 'ଗଣିତ ଦର୍ଶନମ' ଆଦିରେ ଅନୁପ୍ରାଣିତ ହୋଇଛନ୍ତି । ତାଙ୍କର ସ୍ୱପ୍ନ ଓ ସଙ୍କଳ୍ପ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ଶିକ୍ଷିତ, ସୁସ୍ଥ, ସୁ-ସମ୍ପନ୍ନ, ଶୋଷଣ ମୁକ୍ତ, ଧର୍ମନିୟନ୍ତ୍ରିତ, ପକ୍ଷପାତହୀନ ମାର୍ଗରେ ଗଢି ତୋଳିବା । ତାଙ୍କର ନିର୍ଣ୍ଣୟ ସର୍ବୋତ୍କୃଷ୍ଟ ଓ ସପ୍ରମାଣ । ଇତିହାସରେ ଏପର୍ଯ୍ୟନ୍ତ ଆଦିଶଙ୍କରଙ୍କ ଆର୍ବିଭାବ ସମୟ ସ୍ଥିର କରିପାରି ନଥିବା ବେଳେ ସ୍ୱାମୀ ନିଶ୍ଚଳାନନ୍ଦ ଆଦିଶଙ୍କରଙ୍କ ସମୟ ଖ୍ରୀଷ୍ଟପୂର୍ବ ୫୦୭ ବୋଲି ସପ୍ରମାଣ ନିର୍ଣ୍ଣୟ କରିଛନ୍ତି । ବାସ୍ତବରେ ଏଭଳି ଜଣେ ମହାପୁରୁଷଙ୍କୁ ପାଇ ଓଡିଶା ଧନ୍ୟ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିରର ବାହ୍ୟ ଓ ଆଭ୍ୟନ୍ତରୀଣ ସଂସ୍କାର ପକ୍ରିୟାରେ ତାଙ୍କର ଅବଦାନ ଅବର୍ଣ୍ଣନୀୟ । ରଥ ଉପରେ ପ୍ରଭୁଙ୍କୁ ଦର୍ଶନ ଓ ସ୍ପର୍ଶ ନିର୍ଣ୍ଣୟ ତାଙ୍କର ଏକ ଯୁଗାନ୍ତକାରୀ ନିଷ୍ପତ୍ତି । ଶେଷରେ ତାଙ୍କରି ଉକ୍ତିକୁ ଉଦ୍ଧାର କରାଯାଉଛି- 'ବିଶ୍ୱରେ ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନର ସୂତ୍ର ବେଦ ବେଦାନ୍ତରେ ନାହିଁ ।' ମାତ୍ର ଏ ସଂପର୍କରେ ପ୍ରଶ୍ନ କରିବାପାଇଁ ସଚେତନ ଯୋଗ୍ୟ ପ୍ରଶ୍ନକର୍ତ୍ତାଙ୍କର ଅଭାବ ରହିଛି । ତେବେ ଏଭଳି ଜଣେ ଜଣେ ତତ୍ତ୍ୱଦ୍ରଷ୍ଟା, ତଥ୍ୟଦ୍ରଷ୍ଟା, ଦୂରଦ୍ରଷ୍ଟା, ତ୍ରିକାଳଜ୍ଞ ସାରଦ୍ରଷ୍ଟାଙ୍କୁ ପାଇ କେବଳ ଗୋବର୍ଦ୍ଧନ ପୀଠ ନୁହେଁ, ଅପରନ୍ତୁ ସମଗ୍ର ଭାରତ ଧନ୍ୟ ହୋଇଛି । "ଅଖଣ୍ଡ ଭାରତ'ର ସ୍ୱପ୍ନ ଦେଖୁଥିବା ଅଦ୍ୱିତୀୟ ବ୍ୟକ୍ତି ଭାବରେ ସିଏ ସର୍ବମାନ୍ୟ । ଆଜି ଆଷାଢ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଜଗତ୍‌ଗୁରୁଙ୍କର ୮୪ତମ ପ୍ରାକଟ୍ୟ ଦିବସରେ ଏତିକି କେବଳ ନିବେଦନ:

## ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ...

ଯୁକ୍ତରାଷ୍ଟ୍ର ଆମେରିକା ନିର୍ବାଚନରେ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ବାଚିତ ହେବା କେବଳ ଏକ ଶକ୍ତିଶାଳୀ ଦେଶର ସତା ପରିବର୍ତନ ନୁହେଁ । ସମଗ୍ର ବିଶ୍ୱ ଉପରେ ଏହାର ଏକ ଦୂରଗାମୀ ପ୍ରଭାବ ପଡିବା ସୁନିଶ୍ଚିତ । ଟ୍ରମ୍ପଙ୍କ ବିଜୟ ପରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଅଭିନନ୍ଦନ ବାର୍ତ୍ତା ଜଣାଇ ଯେଉଁ ଟ୍ୱିଟ କରିଛନ୍ତି ତାହାର ଏକ ସୁକ୍ଷ୍ମ ବିଶ୍ଳେଷଣ କଲେ ଏହା କ୍ରମଶଃ ସ୍ପଷ୍ଟ ହୋଇପାରିବ । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ବାର୍ତାରେ କହିଛନ୍ତି ଯେ, ମୋର ପ୍ରିୟ ବନ୍ଧୁ ଟ୍ରମ୍ପଙ୍କ ବିଜୟରେ ତାଙ୍କୁ ବହୁତ ବହୁତ ଅଭିନନ୍ଦନ । ଏହାର ପରବର୍ତୀ ବାକ୍ୟରେ ସେ ଲେଖିଛନ୍ତି ଯେ, ଆସନ୍ତୁ ପୁଣିଥରେ ଆମେ ମିଶି ଶାନ୍ତ, ସ୍ଥିରତା ଓ ସମୃଦ୍ଧିକୁ ନବୀକରଣ କରିବା । ଏହି ନବୀକରଣ କରିବା ଶବ୍ଦରେ ମୋଦୀଙ୍କ ମନର ଏକ କ୍ଷୋଭ ପରିପ୍ରକାଶ ପାଇଛି । ସେ ସ୍ପଷ୍ଟ କହିବାକୁ ଚାହିଁଛନ୍ତି ଯେ, ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧିର ମାର୍ଗ ଅବରୋଦ୍ଧ ହୋଇଆସୁଥିଲା ବେଳେ ଉଭୟ ରାଷ୍ଟ୍ରନେତା ସେହି ମାର୍ଗକୁ ପୁନଃ ପ୍ରଶସ୍ତ କରିବା ଦିଗରେ ମିଳିତ ପୟାସ କରିବା ସଂକଳ୍ପ ଉଜାଗର ହୋଇଛି । ମୋଦୀଙ୍କର ଏହି ବାକ୍ୟ ଆମେରିକାର ଜୋ ବାଇଡେନ ସରକାର ସମୟରେ ଏହି ପଥ ଅବରୁଦ୍ଧ ହୋଇଥିବାର ଯେଉଁ ଅଭିଯୋଗ ଆସିଛି ତା'ର ଯଥାର୍ଥତା ବିଚାର୍ଯ୍ୟ । ଆମେରିକାର ରାଜନୈତିକ ଜୀବନରେ ରାଷ୍ଟ୍ରପତି ଭାବେ ପ୍ରମୁଖ ଦାବିଦାର ରିପବ୍ଲିକାନ ଓ ଡେମୋକ୍ରାଟଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା କିଛି ନୂଆ କଥା ନୁହେଁ । ସାଧାରଣତଃ ସମଗ୍ର ବିଶ୍ୱରେ ଏକ ଧାରଣା ଥାଏ ଯେ, ରାଷ୍ଟ୍ରପତି ନିର୍ବାଚନ ପରେ ହ୍ୱାଇଟ ହାଉସରେ ଜଣେ ନୂଆ ଚେହେରା ଆସିଲେ ମଧ୍ୟ ସେ ଦେଶର ନୀତି ଓ ସିଦ୍ଧାନ୍ତରେ ବିଶେଷ ପରିବର୍ତନ ଆସେନାହିଁ । ନବାଗତ ରାଷ୍ଟ୍ରପତି ପୂର୍ବ ସରକାରଙ୍କ ଅଧିକାଂଶ ନିଷ୍ପତିକୁ ପୂର୍ଣ୍ଣ କରିଥାନ୍ତି । ଏଥର କିନ୍ତୁ ଆମେରିକାରେ ଘରବୁଡି ପାଣି ମୁଣ୍ଡ ଉପରେ ବୋହିଯାଉଥିବାର ଅବସ୍ଥା ସୃଷ୍ଟି ହୋଇଥିଲା । ବିଶ୍ୱରେ ଗଣତନ୍ତ୍ର , ସମାନତା ଓ ସମ୍ପ୍ରଭୂତାର କଥା କହୁଥିବା ଆମେରିକାର ଛାତି ଉପରେ କିଛି ଲୋକ ଅଶାନ୍ତି , ଅସ୍ଥିରତା ଓ ବିନାଶ ଦିଗରେ ଷଡଯନ୍ତ୍ର ରଚୁଥିଲେ । ବାସ୍ତବରେ ଗତ କିଛିବର୍ଷ ହେଲା ଆମେରିକାରେ ଗୋଟିଏ ବାମପନ୍ଥୀ ଗୋଷ୍ଠୀ ସେହି ଦେଶର ଚିରାଚରିତ ସଂସ୍କୃତିକୁ ଉଲ୍ଲଂଘନ କରି ଏକ ନକାରାତ୍ମକ ଚିନ୍ତାଧାରାକୁ ନେଇ କାର୍ଯ୍ୟ କରୁଥିଲେ । କୁହାଯାଏ ଏ ଗୋଷ୍ଠୀର ଖଳନାୟକମାନେ ହେଲେ ବିଶିଷ୍ଟ ପୁଞ୍ଜିପତି ଜଜ ସରୋସ, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ବିଲ କ୍ଲିଂଟନ, ହେନେରି କ୍ଲିଂଟନ ଓ ସେଠାକାର ଡିପ ଷ୍ଟେଟ । ରାଷ୍ଟ୍ରପତି ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହାରିସ ଏହି ଗୋଷ୍ଠୀର କେବଳ ମୋହରା ଥିଲେ । ତେଣୁ କେହିକେହି ଜୋ ବାଇଡେନଙ୍କୁ ଆମେରିକାର ପ୍ରକୃତ ରାଷ୍ଟ୍ରପତି ନକହି ବାରାକ ଓବାମା ୦୪ ଭାବେ ଚିତ୍ରଣ କରିଥାନ୍ତି । ଏହି ଗୋଷ୍ଠୀର ଆର୍ଥିକ ପୃଷ୍ଠପୋଷକ ଜଜ ସରୋସ ଥିଲାବେଳେ ବିଶ୍ୱବ୍ୟାପୀ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ମାଷ୍ଟରମାଇଣ୍ଡ ଥିଲେ ବାରାକ ଓବାମା । ଏହି ଗୋଷ୍ଠୀର ଚକ୍ରାନ୍ତରେ ୟୁରୋପର ଅଧିକାଂଶ ଦେଶରେ ଆଜି ଅଶାନ୍ତି ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଭାଷାରେ ଆଜି ପ୍ୟାରିସ ଓ ଲଣ୍ଡନକୁ ଚିହ୍ନି ହେଉନାହିଁ । ଶରଣାର୍ଥୀର ଛଦ୍ମମୁଖାରେ ଜିହାଦୀମାନେ ସମଗ୍ର ୟୁରୋପରେ ଅଶାନ୍ତି ସୃଷ୍ଟି କରିଚାଲିଛନ୍ତି । କେବଳ ୟୁରୋପ ନୁହେଁ ଏହିମାନଙ୍କ ପୃଷ୍ଠପୋଷକତାରେ ଆମେରିକାର କାଲିଫର୍ଣ୍ଣିଆ ଓ ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କରେ ଆମେରିକାର ପତାକାକୁ ଓହ୍ଲାଇ ତା ସ୍ଥାନରେ ପାଲେଷ୍ଟାଇନ ପତାକା ଉଡାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏସବୁ ଉପକୂଳବର୍ତୀ ରାଜ୍ୟମାନଙ୍କରେ ଜେହାଦୀମାନଙ୍କ ପ୍ରଭାବ ସେଠାର ହାବାର୍ଡ ପରି ବିଶ୍ୱବିଦ୍ୟାଳୟର ପରିବେଶକୁ ମଧ୍ୟ ଅତ୍ୟନ୍ତ ଅଶାନ୍ତ କରିସାରିଛି । ଏହିମାନଙ୍କ ପ୍ରୋତ୍ସାହନରେ ଏହିସବୁ ରାଜ୍ୟରେ ଇସ୍ରାଏଲୀ ଓ ହିନ୍ଦୁମାନଙ୍କ ବିରୋଧରେ ବିକ୍ଷୋଭ ଓ ଆକ୍ରମଣ ମଧ୍ୟ ହୋଇଛି । ତାଛଡା ଏହି ବାମପନ୍ଥୀଙ୍କ ଚକ୍ରାନ୍ତର ବଶବର୍ତ୍ତୀ ହୋଇ ବାଇଡେନ ୟୁକ୍ରେନ-ରଷିଆ ଯୁଦ୍ଧକୁ ତେଜିବାରେ ଲାଗିଛନ୍ତି । ଆମେରିକୀୟ ଜନତାଙ୍କ କଷ୍ଟଉପାର୍ଜିତ ଟିକସରେ ବାଇଡେନ ପାଖାପାଖି ୬୦ ବିଲିଅନ ଡଲାର ୟୁକ୍ରେନ ଯୁଦ୍ଧରେ ସ୍ୱାହା କରିସାରିଲେଣି । ନାଟୋର ବର୍ଚ୍ଚସ୍ୱ ସ୍ଥାପନ କରିବା ନାଁରେ ଅଧିକାଂଶ ୟୁରୋପୀୟ ଦେଶମଧ୍ୟ ବରବାଦ ହୋଇସାରିଲେଣି । ପୂର୍ବରୁ ଅଧିକାଂଶ ୟୁରୋପୀୟ ଦେଶ ନିଜର ଆବଶ୍ୟକ ପେଟ୍ରୋଲ ଏବଂ ଗ୍ୟାସ ପାଇପ ଯୋଗେ ରଷିଆରୁ କ୍ରୟ କରୁଥିଲେ । କିନ୍ତୁ ବାଇଡେନଙ୍କ କଟକଣା ଯୋଗୁଁ ଏହି ସବୁ ଦେଶ ଗ୍ୟାସ ଓ ପେଟ୍ରୋଲ ପାଇଁ ଶୀତ ଋତୁରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବ ଅପେକ୍ଷା ଯଥେଷ୍ଟ ମୂଲ୍ୟ ଦେଇ ସେମାନେ ଭାରତ ବା ସାଉଦୀରୁ ଏହା କ୍ରୟ କରୁଛନ୍ତି । ଏହି ଯୁଦ୍ଧ କେବଳ ରଷିଆ-ୟୁକ୍ରେନ ନୁହେଁ ସମଗ୍ର ବିଶ୍ୱରେ ଅଶାନ୍ତି ତଥା ଅସ୍ଥିରତା ସୃଷ୍ଟି କରିଛି । ପୂର୍ବରୁ ଦୁଇ କମ୍ୟୁନିଷ୍ଟ ଦେଶ ହେଲେ ମଧ୍ୟ ରଷ ଚୀନ ମଧ୍ୟରେ ସାମରିକ ଘନିଷ୍ଠତା ଏତେ ସୁଦୃଢ଼ ନଥିଲା । ଏହି ଯୁଦ୍ଧ ଯୋଗୁଁହିଁ ତାହା ସମ୍ଭବ ହୋଇଛି । ଟ୍ରମ୍ପ ନିଜର ପୂର୍ବ ଶାସନ କାଳରେ କୌଣସି ଦେଶ ସହିତ ଯୁଦ୍ଧ କରିନଥିଲେ । ଏଥର ମଧ୍ୟ ସେ ନିଜର ଏହି ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଆଶା କରାଯାଉଛି ତାଙ୍କ ଶାସନ କାଳରେ ବିଶ୍ୱର ଅଧିକାଂଶ ସ୍ଥାନରେ ଚାଲିଥିବା ଛୋଟବଡ ଯୁଦ୍ଧର ପରିସମାପ୍ତି ଘଟିବ । ଆମେରିକାର ଏହି ଲେଫ୍ଟିଷ୍ଟ ଲିବରାଣ୍ଡୋ ଗୋଷ୍ଠୀ ବିଶ୍ୱର ଅଧିକାଂଶ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି । କୁହାଯାଉଛି ଜଜ ସରୋସଙ୍କ ଦ୍ୱାରା ପୋଲାଣ୍ଡରେ ଏକ ନିର୍ବାଚିତ ସରକାର କ୍ଷମତାଚ୍ୟୁତ ହୋଇଥିଲା । ସେହିପରି ଖୁଦ ଆମେରିକାର ରିପବ୍ଲିକାନ ପ୍ରେସିଡେଣ୍ଟ ଜଜ ବୁଷଙ୍କୁ ମଧ୍ୟ ଏହି ଗୋଷ୍ଠୀ ଷଡଯନ୍ତ୍ର କରି ବଦନାମ କରିଥିଲେ । ଏହି ଗୋଷ୍ଠୀର କାର୍ଯ୍ୟକଳାପକୁ ଜାଣିବାକୁ ହେଲେ ସମ୍ପ୍ରତି ବଙ୍ଗଳାଦେଶର ଘଟଣା ବିଚାରକୁ ନିଆଯାଇପାରେ । ଆଓ୍ୱାମୀ ଲିଗର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ଆମେରିକାର ମତଭେଦ ସୃଷ୍ଟି ହେବା ବେଳେ ପ୍ରଧାନମନନ୍ତ୍ରୀ ମୋଦୀଙ୍କ ସହାୟତାରେ ଟ୍ରମ୍ପ ତା'ର ସମାଧାନ କରିଥିଲେ । ଶେଖ ହସୀନା ଓ ଟ୍ରମ୍ପଙ୍କ ମଧ୍ୟରେ ସୁସମ୍ପର୍କ ଥିଲା । କିନ୍ତୁ ଟ୍ରମ୍ପଙ୍କ ଯିବାପରେ ଏହି ଗୋଷ୍ଠୀ ଭାରତର ଚତୁର୍ଦ୍ଦିଗରେ ଥିବା ଦେଶମାନଙ୍କରେ ଅସ୍ଥିରତା ସୃଷ୍ଟି କରିଥିଲେ । କେବଳ ବଙ୍ଗଳାଦେଶ ନୁହେଁ ପାକିସ୍ତାନରେ ଇମ୍ରାନ ଖାନ, ନେପାଳ , ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିବା ମଧ୍ୟ ଏହି ଗୋଷ୍ଠୀର କାର୍ଯ୍ୟ । ଏହାପରେ ସେମାନଙ୍କର ପ୍ରକୃତ ଲକ୍ଷ ଥିଲା ଭାରତରେ ଅସ୍ଥିରତା ସଷ୍ଟି କରିବା । ଜଜ ସରୋସ ଏହାର ଖଳନାୟକ ଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମୋହରା କରି ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ । ଜଜ ସରୋସଙ୍କ ଉପନ ସେସାଇଟି ନାମରେ ଏକ ଏନଜିଓ ସଂସ୍ଥା ରହିଛି । ରାଫେଲ କ୍ରୟ କରିବାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବଦନାମ କରିବା ସକାଶେ ଏକ ଚକ୍ରାନ୍ତ ହୋଇଥିଲା । ଏହି ଉପନ ସୋସାଇଟି ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା । ଖାଲି ସେତିକି ନୁହେଁ ଚାଲିଥିବା ସରକାରକୁ ଅସ୍ଥିରତା କରିବା ପାଇଁ ଏହି ଗୋଷ୍ଠୀ ସିଏଏ ବିରୋଧୀ ଆନୋଳନ ଭଳି ବହୁ ଉଦ୍ୟମ କରିଥିଲେ । ଗତବର୍ଷ ରାହୁଲଗାନ୍ଧୀଙ୍କ ଆନ୍ଦୋଳନ କରିବା ପାଇଁ ଓପନ ସୋସାଇଟିର ସରୋସ ସେଚ୍ଛି ହିଁ ସମସ୍ତ ଆୟୋଜନ କରିଥିଲେ । ଲୋକସଭା ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାନାଶାହା ବା ଏକଛତ୍ରବାଦୀ ଓ ସମ୍ବିଧାନ ବିରୋଧୀ ଭଳି ଯେଉଁସବୁ ଅପବାଦ ଦିଆଯାଇଥିଲା ସେହି ସମସ୍ତ ଅପବାଦ ଆମେରିକା ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏହି ଗୋଷ୍ଠୀ ବ୍ୟବହାର କରିଥିଲା । ଟ୍ରମ୍ପଙ୍କୁ ବଦନାମ କରିବା ପାଇଁ ବିପୁଳ ଅର୍ଥ ବ୍ୟୟ କରି ଜଜ ସରୋସ ଆମେରିକାର ପ୍ରାୟ ୨୦୦ରେଡିଓ ଷ୍ଟେସନକୁ କିଣି ପକାଇଥିଲେ । ଟ୍ରମ୍ପଙ୍କୁ ରୋକିବା ପାଇଁ ତାଙ୍କ ଉପରେ ଆକ୍ରମଣ ମଧ୍ୟ ହୋଇଥିଲା । ବାରମ୍ବାର ହୋଇଥିବା ଏହି ଆକ୍ରମଣ ମଧ୍ୟରୁ ଥରେ ତାଙ୍କ କାନକୁ ଭେଦ କରି ଏକ ଗୁଳି ଚାଲିଯାଇଥିଲା । ଅଳ୍ପକେ ସେ ମୃତ୍ୟୁମୁଖରୁ ବଂଚି ଯାଇଥିଲେ । ଏହି କଥାକୁ ସ୍ମରଣ କରି ଟ୍ରମ୍ପ କହିଥିଲେ ଯେ, ହୁଏତ ଈଶ୍ୱର ମୋତେ ବଚାଂଇବା ପଛରେ କୌଣସି ଭଲ ଉଦ୍ଦେଶ୍ୟ ରହିଛି । ଭାରତକୁ ନିନ୍ଦିତ କରିବା ଲାଗି ଖଲିସ୍ଥାନୀ ଆତଙ୍କବାଦୀ ନିଜ୍ଜରର ହତ୍ୟା ଓ ପନ୍ନୁର ହତ୍ୟା ପଛରେ ଭାରତର ହାତ ରହିଥିବା ଅଭିଯୋଗ ମଧ୍ୟ ଏହି ଗୋଷ୍ଠୀର କାମ । ତେବେ ଯାହାହେଉ ସମସ୍ତ ଷଡଯନ୍ତ୍ରର ଅନ୍ତଘଟାଇ ଟ୍ରମ୍ପ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପୂର୍ବରୁ ସେ ଭାରତକୁ ଏକ ଚମତ୍କାର ଦେଶ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ବିଚକ୍ଷଣ ନେତା ଭାବେ କହି ପ୍ରଶଂସା କରିଛନ୍ତି । ତାଛଡା ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହ ଭାରତ ଓ ହିନ୍ଦୁମାନଙ୍କ ବିରୋଧରେ ଆକ୍ରମଣକୁ ସେ ଆଦୌ ବରଦାସ୍ତ କରିବେ ନାହି ବୋଲି ଖୋଲାଖୋଲି କହିବା କିଛି ସାଧାରଣ କଥା ନୁହେଁ । ଏବେବି ସମଗ୍ର ବିଶ୍ୱରେ ମୋଦୀ-ଟ୍ରମ୍ପଙ୍କ ଜୋଡିକୁ ନେଇ ନାନାପ୍ରକାର ଆଶା ଆଶଙ୍କା ଦେଖାଦେବାରେ ଲାଗିଛି ।

## ନିରୁଦ୍ଦିଷ୍ଟ ଭଞ୍ଜପ୍ରଭା !

'ଭଞ୍ଜପ୍ରଭା' ନାଁଟି କେଉଁ ସୃଜନଶୀଳ ମନରୁ ସୃଷ୍ଟି ହୋଇଥିବ କେଜାଣି; କିନ୍ତୁ ସ୍ରଷ୍ଟାଙ୍କୁ ଅନେକ ଧନ୍ୟବାଦ ଏଇଥି ପାଇଁ ଯେ ଏକଦା ଏହା ସବୁ ରାଜଧାନୀବାସୀଙ୍କ ପାଇଁ ଏକ ଅତ୍ୟନ୍ତ ଲୋକପ୍ରିୟ ନାଁ ପାଲଟି ଯାଇଥିଲା । ନାଁଟିରୁ ମନେ ହେବ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପ୍ରଭାରେ ଏହା କୌଣସି ଏକ ସାହିତ୍ୟିକ ସୃଷ୍ଟି; କିନ୍ତୁ ବାସ୍ତବରେ ଏହା ଥିଲା ଏକ ଅନୁଷ୍ଠାନର ନାମ, ଯାହା ନ ଥିଲା ସହିତ୍ୟିକ କିମ୍ବା ସାଂସ୍କୃତିକ ବରଂ ଥିଲା ବିପଣିଭିତ୍ତିକ ଏକ ବ୍ୟାବସାୟିକ ଅନୁଷ୍ଠାନ । ତିରିଶ ବର୍ଷରୁ ଅଧିକ ସମୟ ଧରି ଏକଦା ଏହା ରାଜଧାନୀର ଜନପଥର ଏକ ପାର୍ଶ୍ୱରେ ଶୋଭା ପାଉଥିଲା । କ'ଣ ଥିଲା ଏହାର ଶୋଭା ତେଲ, ଲୁଣ, ଚାଉଳ ଠାରୁ ଆରମ୍ଭ କରି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ବିପଣି ମେଲି ଦେଇଥିବା ଏହି ଅନୁଷ୍ଠାନଟି ସାଧାରଣ ଲୋକଙ୍କର ସଂସାର ଏବଂ ସେହି କ୍ରମରେ ଜନଜୀବନ ସହିତ ଗଭୀର ଭାବରେ ଜଡ଼ିତ ହୋଇ ଯାଇଥିଲା, ଯାହା ସବୁବେଳେ ଶସ୍ତା, ସୁନ୍ଦର ଓ ମଜଭୁତ; ସେହି ଭଳି ଜିନିଷସବୁ ଯୋଗାଇ ଦେଉଥିଲା ଏହି ଅନୁଷ୍ଠାନଟି । ସେଠାରେ ମିଳୁଥିଲା ଜନତା କପଡ଼ା, ଯାହା ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ବା 'ଓଟିଏମ୍'ରୁ ପ୍ରସ୍ତୁତ ହୋଇ ସାରା ରାଜ୍ୟରେ ଲୋକପ୍ରିୟ ହୋଇଥିଲା । ଜନତା କପଡ଼ା କଥା ଏବେ ବି ଅନେକ ପ୍ରୌଢ଼ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ହେଜରେ ଥିବ । ଖାଣ୍ଟି ସୋରିଷ ତେଲ ଠାରୁ ଆରମ୍ଭ କରି ଡାଲି, ଚାଉଳ ସହିତ ବିଭିନ୍ନ ପ୍ରକାର ଖାଣ୍ଟି ଜିନିଷ ମିଳୁଥିଲା ଭଞ୍ଜପ୍ରଭାରେ; ସତ କହିଲେ ଏହା ଥିଲା ସେ ସମୟର ଏକ ବଡ଼ ମଲ୍ ବା ସୁପରମାର୍କେଟ୍ । ସମବାୟ ପରିଚାଳନାରେ ଚାଲୁଥିବା ଭଞ୍ଜପ୍ରଭା ଥିଲା ବର୍ତମାନ ମଲ୍‌ମାନଙ୍କର ଏକ ଅଗ୍ରଦୂତ । କେବଳ ତହିଁରେ ନ ଥିଲା ଏବର ମଲ୍‌ଗୁଡ଼ିକ ଭଳି ଚାକଚକ୍ୟ, ବାତାନୁକୂଳିତ ବାତାବରଣ କିମ୍ବା ଖାଇବା ପାଇଁ 'ଫୁଡ୍ କୋର୍ଟ' ବା ରେସ୍ତୋରାଁ । ହଠାତ୍ କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଗଲା ଭଞ୍ଜପ୍ରଭା ! ପରେ ଜଣାପଡ଼ିଲା ଯେ ଯେଉଁ ଘରେ ଭଡ଼ା ସୂତ୍ରରେ ଅନୁଷ୍ଠାନଟି ଚାଲିଥିଲା, ତାକୁ ଖାଲି କରିବା ଲାଗି ମାଲିକ ନୋଟିସ୍ ଦେଲେ । ଏ ନେଇ ଏକ ମାମଲା କୁଆଡ଼େ ଅଦାଲତକୁ ବି ଯାଇଥିଲା । ପରବର୍ତୀ କାଳରେ କିନ୍ତୁ ଦେଖାଗଲା ଯେ ଭଞ୍ଜପ୍ରଭା ସେଠାରୁ ଅପସରି ଯାଇଛି । ଆଦିତ୍ୟ ବାବୁ ନିଜର ମାସିକିଆ ତେଜରାତି ଜିନିଷ ନିୟମିତ ଭଞ୍ଜପ୍ରଭାରୁ ହିଁ ଆଣୁଥିଲେ ଏବଂ ସେହି କ୍ରମରେ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହିତ ତାଙ୍କର ଆତ୍ମୀୟତା ବଢ଼ିଥିଲା । ଘର ଖାଲି କରିବା ପାଇଁ ଆକସ୍ମିକ ନୋଟିସ୍, ବିଭାଗର ଚରମ ଅବହେଳା ଓ କାର୍ଯ୍ୟରତ କର୍ମଚାରୀଙ୍କ ବିପନ୍ନ ଭବିଷ୍ୟତ୍ ବିଷୟରେ କର୍ମଚାରୀଙ୍କ ଠାରୁ ଜାଣିବା ପରେ ପରେ ସେ ବିବ୍ରତ ହୋଇ ଉଠିଥିଲେ ଏବଂ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ମନ ବଳାଇ ପଡ଼ୋଶୀ ବନ୍ଧୁଙ୍କୁ ଜଣାଇଲେ । ପଡ଼ୋଶୀ ବନ୍ଧୁ ଜଣକ ଥିଲେ ତତ୍କାଳୀନ ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ । ଘଟଣାଟି ସଂପୂର୍ଣ୍ଣ ଜାଣିଲା ପରେ ଏହି ଅନୁଷ୍ଠାନଟି ସେହି ଜାଗାରେ ସଂପୂର୍ଣ୍ଣ ସୁରକ୍ଷିତ ରହିବ ଏବଂ କେହି ଅନୁଷ୍ଠାନଟିକୁ ଉଠେଇ ପାରିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ । ଆଦିତ୍ୟ ବାବୁଙ୍କ ଠାରୁ ଏ କଥା ଶୁଣି କର୍ମଚାରୀମାନେ ମଧ୍ୟ କିଚିଂତ ଆଶ୍ୱସ୍ତ ହେଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







## ସମ୍ବଲପୁରର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ରାଜସ୍ୱ ବିଭାଗ କାର୍ଯ୍ୟାବଳୀର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ



ସମ୍ବଲପୁର,୧୭/୭(ନି/ପ୍ର): ସମ୍ବଲପୁର ଜିଲ୍ଲାର ସାମଗ୍ରିକ ବିକାଶ, ଭିତିଭୂମି ସମ୍ପ୍ରସାରଣ ତଥା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରମୁଖ ବିକାଶମୂଳକ ଯୋଜନା ଏବଂ ପ୍ରଶାସନିକ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭାରତମାଳା ଯୋଜନା ଅଧୀନରେ ନିର୍ମାଣାଧୀନ ସମ୍ବଲପୁର ରିଙ୍ଗ୍ ରୋଡ୍ ଏବଂ ୫୫ ନମ୍ବର ଜାତୀୟ ରାଜପଥ (ସମ୍ବଲପୁର-ଅନୁଗୁଳ) କାର୍ଯ୍ୟ, ରେଳ ଯୋଗାଯୋଗର ଉନ୍ନତିକରଣ ଲକ୍ଷ୍ୟରେ ଜରପଡ଼ାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩ୟ ଏବଂ ୪ର୍ଥ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ, ସମ୍ବଲପୁର ମୁଖ୍ୟ ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନକୁ ସଂଯୋଗ କରୁଥିବା ରେଳ ଫ୍ଲାଏଓଭର ପ୍ରକଳ୍ପ, ମା ସମଲେଶ୍ୱରୀଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତି ପାଇଁ ସମଲେଇ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ସଫଳ ରୂପାୟନ ଉପରେ, ସରକାରୀ ଜମିର ସୁରକ୍ଷା ପାଇଁ ଜବରଦଖଲ ମାମଲା ଗୁଡ଼ିକର ରୁଜୁ ଏବଂ ଏହାର ଫଇସଲାର ମାସିକ ଅଗ୍ରଗତି, ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ସପକ୍ଷରେ ଜମିର ନିୟମିତ କରଣ ପ୍ରକ୍ରିୟାକୁ ସହଜ ଏବଂ ଦ୍ୱରିତ କରିବା ନେଇ, ଜନସାଧାରଣଙ୍କ ସୁବିଧା ନିମନ୍ତେ ପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସରେ କଲମ୍-୨ ସଂଶୋଧନ ପ୍ରକ୍ରିୟାକୁ ସମୟବଦ୍ଧ ଭାବେ ଶେଷ କରିବା, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ 'ବସୁନ୍ଧରା ଯୋଜନା' ମାଧ୍ୟମରେ ଭୂମିହୀନ ପରିବାରମାନଙ୍କୁ ପଟ୍ଟା ପ୍ରଦାନ ସ୍ଥିତିର ତଦାରଖ, ନୂତନ ଭାବେ ଲାଗୁ ହୋଇଥିବା ଭିବିଜି-ରାମ୍ଜୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ସମୀକ୍ଷା, ଯାହାଦ୍ୱାରା ଗ୍ରାମୀଣ କ୍ଷେତ୍ରରେ ନିଯୁକ୍ତି ଏବଂ ଜୀବିକା ସୁନିଶ୍ଚିତ ହୋଇପାରିବ, ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ସହରାଂଚଳରେ ଡ୍ରେନେଜ୍ ସମସ୍ୟା, ବନ୍ୟା ପରିସ୍ଥିତି ମୁକାବିଲା ଏବଂ ସାମଗ୍ରିକ ବିପର ?ୟ୍ୟୟ ପରିଚାଳନା ପାଇଁ ଆଗୁଆ ପ୍ରସ୍ତୁତି କୁ ନେଇ ଆଲୋଚନା କରିଥିଲେ । ମନ୍ତ୍ରୀ ମହୋଦୟ ୪ଟା ଜିଲ୍ଲାରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଅନୁଗୋଳ ଜିଲ୍ଲାରେ ଥିବା ଶିଳ୍ପ ସଂସ୍ଥା ଗୁଡ଼ିକ ଦ୍ୱାରା ଫ୍ଲାଏ ଆସ୍ ର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଫ୍ଲାଏ ଆସ୍ କେବଳ ଆବଦ୍ଧ କଂଟେନର ମାଧ୍ୟମରେ ହିଁ ପରିବହନ କରାଯିବ ଯାହାପାଇ ପ୍ରସ୍ତୁତ କରାଯାଇଛି ଏବଂ ନିୟମ ଉଲ୍ଲଂଘନ କଲେ ଗାଡ଼ି ଜବତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ପାଉଁଶ ପରିବହନ କରୁଥିବା ଟ୍ରକ୍ ଗୁଡ଼ିକ ଯେପରି ରାସ୍ତା କଡ଼ରେ କିମ୍ୱା ଅନଧିକୃତ ସ୍ଥାନରେ ପାଉଁଶ ନ ପକାନ୍ତି, ସେଥିପାଇଁ ସିସିଟିଭି ଏବଂ ଜିପିଏସ୍ ମାଧ୍ୟମରେ ଯାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବା ପାଇଁ କହିଛନ୍ତି । ଖଣି ବିଭାଗର ସହାୟତାରେ ବନ୍ଦ ହୋଇପଡ଼ିଥିବା ଓ ଅକାମୀ ଖଣି ଗୁଡ଼ିକରେ ଫ୍ଲାଏ ଆସ୍ ର ସୁରକ୍ଷିତ ଡମ୍ପିଂ କରାଯିବ । ଯୁବକମାନଙ୍କୁ ଏମ୍ଏସ୍ଏମ୍ଇ ମାଧ୍ୟମରେ ଋଣ ପ୍ରଦାନ କରାଯାଇ ଫ୍ଲାଏ ଆସ୍ ଇଟା ତିଆରି କାରଖାନା ସ୍ଥାପନ ପାଇଁ ପ୍ରୋତ୍ସାହିତ କରାଯିବ । ଏହାକୁ ବ୍ୟବସ୍ଥିତ କରିବା ପାଇଁ ଆମେ ଦୁଇ ତିନିଟା ଏସ୍ଓପି କରିଛୁ ଏବଂ ଜିଲ୍ଲାପାଳ, ଏସପି ଓ ପଲ୍ୟୁସନ କଂଟ୍ରୋଲ ବୋର୍ଡ ସାଙ୍ଗରେ ମଧ୍ୟ ଆଲୋଚନା ହୋଇଛି ବୋଲି ସୂଚନା ଦେଇଥିଲେ । ଏନ୍ଏଲସି ଦ୍ୱାରା ଝାରସୁଗୁଡାରେ ହେବାକୁ ଯାଉଥିବା ଗୋଟେ ବଡ ପ୍ରୋଜେକ୍ଟ ପାଇଁ ସରକାର ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ଭାରତମାଳା ପ୍ରକଳ୍ପ ଅଧୀନରେ ସମ୍ବଲପୁର ରିଙ୍ଗ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।ଜମି ହରାଉଥିବା ଲୋକଙ୍କ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ପ୍ରଦାନକୁ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେବେ ।ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଗରିବ କଲ୍ୟାଣ ଯୋଜନା ଯେପରି ସଠିକ୍ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ବିନା ବାଧାବିଘ୍ନରେ ପହଂଚିପାରିବ, ତାହାର ସୁନିଶ୍ଚିତତା କରିବା ସହିତ ବିଭିନ୍ନ ରାଜସ୍ୱ ମାମଲାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି । ଆଜିର ଏହି ବୈଠକରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର ?ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଉପଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଶିଳ୍ପ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାର ଭିତିଭୂମି, ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏକ ସ୍ପଷ୍ଟ ରୂପରେଖ ପ୍ରସ୍ତୁତ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ୧୦ କାଉନସିଲରଙ୍କ ଇସ୍ତଫା ପ୍ରସଙ୍ଗ : ବେଲପାହାଡ଼ରେ ବିଜେଡିର ପାଲଟା ପ୍ରତିକ୍ରିୟା




ଝାରସୁଗଡ଼ା, ୧୭/୭(ନି/ପ୍ର): ବେଲପାହାଡ଼, ପ୍ରତିନିଧି: ବେଲପାହାଡ଼ରେ ୧୦ ଜଣ କାଉନସିଲର ବିଜେଡିରୁ ଇସ୍ତଫା ଦେଇଥିବା ଘୋଷଣା ପରେ ସ୍ଥାନୀୟ ବିଜେଡି ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି । ଦଳ ପକ୍ଷରୁ କୁହାଯାଇଛି ଯେ, ଇସ୍ତଫା ଘୋଷଣାକୁ ନେଇ ସଂଗଠନରେ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ନୂତନ କର୍ମୀଙ୍କୁ ସାମିଲ କରି ଦଳକୁ ଆହୁରି ସୁଦୃଢ଼ କରାଯିବ । ଗୁମାଡେରାସ୍ଥିତ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତୃବୃନ୍ଦ କହିଥିଲେ ଯେ, ଇସ୍ତଫା ଘୋଷଣାର ନେତୃତ୍ୱ ନେଇଥିବା ବ୍ୟକ୍ତି ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟକଳାପରେ ସଂପୃକ୍ତ ଥିଲେ ଏବଂ ଗତ ନିର୍ବାଚନରେ ମଧ୍ୟ ଦଳର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିଥିଲେ । ପରାଜୟ ପରଠାରୁ ସେ ଦଳର କୌଣସି ସଂଗଠନାତ୍ମକ କାର୍ଯ୍ୟକ୍ରମରେ ସକ୍ରିୟ ନଥିବା ବୋଲି ମଧ୍ୟ ଅଭିଯୋଗ କରାଯାଇଛି । ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ, ବିଧାୟିକାଙ୍କ ଆହ୍ୱାନ ସତ୍ତ୍ୱେ କିଛି କାଉନସିଲର ବୈଠକରେ ଯୋଗ ଦେଇନଥିବାରୁ ବେଲପାହାଡ଼ର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ତଥାପି ଏହା ଦଳର ସଂଗଠନାତ୍ମକ ଶକ୍ତିକୁ ଦୁର୍ବଳ କରିପାରିବ ନାହିଁ ବୋଲି ନେତୃବୃନ୍ଦ ଦାବି କରିଛନ୍ତି । ବିଜେଡି ନେତୃତ୍ୱ କହିଛି ଯେ, ବିଜେଡି ଟିକେଟରେ ନିର୍ବାଚିତ ହୋଇ ଏବେ ଦଳ ଛାଡ଼ିବାର ଘୋଷଣା କରିଥିବା କାଉନସିଲରମାନେ ନୈତିକତା ଦୃଷ୍ଟିରୁ କାଉନସିଲର ପଦରୁ ମଧ୍ୟ ଇସ୍ତଫା ଦେବା ଉଚିତ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଶମ୍ଭୁ ମହାନ୍ତି, ଦେବୀ ପ୍ରସାଦ ମିଶ୍ର, ପର୍ଶୁରାମ ସାହୁ, ରାଜେଶ ଭୋଇ, ବସନ୍ତ ମହାନ୍ତି, ରତ୍ନା ବିଶ୍ୱାସଙ୍କ ସମେତ ପୌର କାଉନସିଲର କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ସୁମନ୍ତି କିଶାନ, ପ୍ରଶାନ୍ତ ରାଉତ, ରବି ଗୌଡ଼, ତପନ ପ୍ରଧାନ, ସରୋଜ ଛନଛାନ୍, ଅନୁପମା ଭର୍ଗୀଶା, ଦିଲୀପ ଧୁରୁଆ, ଦୀନେଶ କରାଳୀ, ମିନତୀ ନାଏକ, ପର୍ଶୁରାମ ଗିରି, ଜୟ ନାଏକ, ସଞ୍ଜୟ ପ୍ରଧାନ, ବ୍ରଜେଶ ମହାନ୍ତି, ସିଟୁ ପଟ୍ଟନାୟକ ଓ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ରହି ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ।

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଚୟନ ପାଇଁ ଜିଲ୍ଲାପାଳଙ୍କ ୩ଟି ସ୍କୁଲ୍ ପରିଦର୍ଶନ



ଝାରସୁଗୁଡ଼ା,୧୭/୭(ନି/ପ୍ର): ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଭିତିଭୂମିର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ 'ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ' ଚୟନ ପ୍ରକ୍ରିୟା ଅଧୀନରେ ଜିଲ୍ଲାପାଳ ବଡମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାରକୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଏଚ୍. କଟାପାଲି ପ୍ରାଥମିକ ବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ । ଏହି ସମୀକ୍ଷା କାଳରେ ଜିଲ୍ଲାପାଳ ବିଶେଷ ଭାବେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଆବଶ୍ୟକ ଥିବା ନିର୍ଦ୍ଧାରିତ ମାପଦଣ୍ଡ, ଭିତିଭୂମି ଏବଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଉପରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା କରିଥିଲେ । ବିଦ୍ୟାଳୟଗୁଡ଼ିକ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ ବର୍ତ୍ତମାନର ସ୍କୁଲ ଗୃହ ସରକାରୀ ଜମିରେ ଅବସ୍ଥାପିତ ଅଛି କି ନାହିଁ, ସେ ସମ୍ପର୍କରେ ତଥ୍ୟ ନେଇଥିଲେ । ଏଥିସହ ଆଗାମୀ ଦିନରେ ବିଦ୍ୟାଳୟର ସମ୍ପ୍ରସାରଣ ପାଇଁ କେତେ ପରିମାଣର ଜମି ଆବଶ୍ୟକ ରହିଛି, ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ବଡମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ କିଛି ସମୟ ଆଲୋଚନା କରିଥିଲେ । ସେ ସେମାନଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏହା ସହିତ ସମସ୍ତ ପରିଦର୍ଶନ କରାଯାଇଥିବା ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ୟୁନିଫର୍ମର ମାନ ଯାଂଚ କରିବା ସହ ସ୍କୁଲ ପରିସରର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଅନ୍ୟପଟେ ମାରକୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲାପାଳ ସେଠାରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନ ଭୋଜନର ଗୁଣବତା ନିଜେ ପରଖିଥିଲେ । ପିଲାମାନଙ୍କୁ ଯେପରି ସୁଷମ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନିୟମିତ ମିଳିପାରିବ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପାଚିକାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## କୃଷକ ପଞ୍ଜୀକରଣ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ବୈଠକ



ଝାରସୁଗୁଡ଼ା,୧୭/୭(ନି/ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା କୃଷକ ପଞ୍ଜୀକରଣ' ଅଧୀନରେ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାରେ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ଚାଷୀ ପଞ୍ଜୀକରଣର ଅଗ୍ରଗତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ସମସ୍ତ ଚାଷୀଙ୍କ ଜମିର ମାଲିକାନା ସହ ଜଡ଼ିତ ଏକ ଏକୀକୃତ ଏବଂ ଯାଂଚ ହୋଇଥିବା ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବା । ଏହାଦ୍ୱାରା ପିଏମ-କିସାନ, ସିଏମ-କିସାନ, ଧାନ ସଂଗ୍ରହ, ଫସଲ ବୀମା ଏବଂ ସରକାରୀ ସାର ସବ୍ସିଡି ଭଳି ପ୍ରମୁଖ ଯୋଜନାଗୁଡ଼ିକର ସୁଫଳ କୌଣସି ହେରଫେର ନହୋଇ ସିଧାସଳଖ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସ୍ୱଚ୍ଛତାର ସହ ପହଂଚିପାରିବ । ଆସନ୍ତା ଅଗଷ୍ଟ ୨୦୨୬ ସୁଦ୍ଧା ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ଶତପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଚଳିତ ଜୁଲାଇ ୧୩ ତାରିଖ ସୁଦ୍ଧା ଝାରସୁଗୁଡ଼ା ଜିଲ୍ଲାରେ ଚାଷୀଙ୍କ ପଞ୍ଜୀକରଣ ୭୩.୫ ପ୍ରତିଶତ ଅଗ୍ରଗତି ହୋଇଛି, ଯେଉଁଥିରେ ଝାରସୁଗୁଡ଼ା ବ୍ଲକ ସର୍ବାଧିକ ୯୭.୩୫% ହାସଲ କରି ସର୍ବାଗ୍ରେ ରହିଛି । ବାକି ରହିଯାଇଥିବା ସମସ୍ତ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ସମସ୍ତ ସେବା ପ୍ରଦାନକାରୀ ଅପରେଟର, କୃଷକ ରେଜିଷ୍ଟ୍ରି ସହାୟକ, ସାଧାରଣ ସେବା କେନ୍ଦ୍ର, କୃଷି ଓ ଆନୁଷଙ୍ଗିକ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜିଲ୍ଲାର ଯେଉଁ ସବୁ ଗ୍ରାମରେ ଚାଷୀଙ୍କ ପଞ୍ଜୀକରଣ ଅତି କମ୍ କିମ୍ବା ଶୂନ୍ୟ ରହିଛି, ସେହି ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଏନରୋଲମେଂଟ କ୍ୟାମ୍ପ ଆୟୋଜନ କରିବାକୁ ଜିଲ୍ଲାପାଳ କହିଛନ୍ତି । ଏହାସହ ଚାଷୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର 'ଫାର୍ମର ଆଇଡି' ପାଇବାର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ପରାମର୍ଶଦାତା କମିଟି ଓ ଜିଲ୍ଲା ସମନ୍ୱୟ କମିଟି ବୈଠକ

ଭବାନୀପାଟଣା,୧୭/୭(ନି/ପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ ମୋର ଭାରତ ) ର ଜିଲ୍ଲା ପରାମର୍ଶଦାତା କମିଟି)ର ପ୍ରଥମ ବୈଠକ ଏବଂ ଜିଲ୍ଲା ସମନ୍ୱୟ କମିଟ)ର ବୈଠକ ଭବାନୀପାଟଣା ସ୍ଥିତ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାରେ ଯୁବ ସଶକ୍ତିକରଣ, ସ୍ୱେଚ୍ଛାସେବା, ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଭାରତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉପରେ ଆଲୋଚନା କରାଯାଇଥିଲା । ଏ.ଡି.ଏମ୍ (ଜେନେରାଲ) ତନ୍ମୟ କୁମାର ଦରଓ୍ୱାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳାହାଣ୍ଡି ର ଜିଲ୍ଲା ଯୁବ ଅଧିକାରୀ ବଂଶ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଏଜେଣ୍ଡା ଉପସ୍ଥାପନ କରିଥିଲେ । ସେ ଏପ୍ରିଲରୁ ଜୁନ୍-୨୦୨୬ ପର୍ଯ୍ୟନ୍ତ ଜିଲ୍ଲାରେ ଆୟୋଜିତ ମାଇ ଭାରତ କାର୍ଯ୍ୟକ୍ରମର ସମୀକ୍ଷା, ୨୦୨୬-୨୭ ବାର୍ଷିକ କାର୍ଯ୍ୟ ଯୋଜନା, ବିଭିନ୍ନ ବିଭାଗ ସହ ସମନ୍ୱୟ ଏବଂ ଯୁବମାନଙ୍କ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ବିବେକାନନ୍ଦ ମହାନନ୍ଦ (ଜିଲ୍ଲା ସଂସ୍କୃତି ଅଧିକାରୀ), ରମେଶ ଚନ୍ଦ୍ର ପାଢ଼ୀ (ଜିଲ୍ଲା କ୍ରୀଡ଼ା ଅଧିକାରୀ), ସାଧୁ ଶରଣ ପ୍ରସାଦ ଡି ଇ ଓ କାର୍ଯ୍ୟାଳୟ), ଜୟନ୍ତ କୁମାର ଦଣ୍ଡସେନା ଏ ନ. ଏସ ଏସ ସଂଯୋଜକ ସୁବ୍ରତ କୁମାର ତ୍ରିପାଠୀ) ରୂପସିଂହ ରାଉତ, ଶମ୍ଭୁ ବିଶି , ଦିନେଶ କୁମାର କନ୍ହର ଡି ଏଇ ପି ଆର ଓ ଡ଼ଃ ନିହାର ପଣ୍ଡା, ଅନୁମାନ ବାବୁ ଶିଶୁ ସୁରକ୍ଷା ଅଧିକାରୀ ଦୁତିଆ ବନଛୋର ଏ ପି ଏସ ମାଇ ଭାରତ ଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ଦକ୍ଷତା ବିକାଶ, ସୂଚନା ଓ ପ୍ରସାରଣ ସହ ବିଭିନ୍ନ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେମାଇ ଭାରତ ପୋଟାଲ ରେ ଅଧିକରୁ ଅଧିକ ଯୁବକ-ଯୁବତୀଙ୍କ ପଞ୍ଜୀକରଣ, ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ କ୍ଲବ ଓ ସ୍ୱେଚ୍ଛାସେବୀ ସଂଗଠନକୁ ପୋର୍ଟାଲ ସହ ସଂଯୁକ୍ତ କରିବା, ପ୍ରତ୍ୟେକ କଲେଜରେ ନୋଡାଲ ଅଫିସର ଓ କ୍ୟାମ୍ପସ ଆମ୍ବାସାଡର ନିଯୁକ୍ତି, ଯୁବମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାସେବା ସହ ଯୋଡ଼ିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ବିସ୍ତୃତ ମତବିନିମୟ ହୋଇଥିଲା । ଏହାପରେ ଜିଲ୍ଲା ସମନ୍ୱୟ କମିଟିର ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ଦକ୍ଷତା ବିକାଶ, ସଂସ୍କୃତି ଓ ଅନ୍ୟାନ୍ୟ ବିଭାଗର ସହଯୋଗରେ ବର୍ଷସାରା ଯୁବମୁଖୀ କାର୍ଯ୍ୟକ୍ରମ ଆୟୋଜନ, ଗ୍ରାମ ଓ ସହରାଂଚଳରେ ଯୁବ କ୍ଲବଗୁଡ଼ିକୁ ସକ୍ରିୟ କରିବା, ସ୍ୱେଚ୍ଛାସେବାକୁ ପ୍ରୋତ୍ସାହନ ଦେବା ଏବଂ ଯୁବମାନଙ୍କ ନେତୃତ୍ୱ ବିକାଶ ପାଇଁ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେମାଇଭାରତ ର ଜିଲ୍ଲାବ୍ୟାପୀ ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସାମାଜିକ ସଚେତନତା କାର୍ଯ୍ୟକ୍ରମ, ନଶାମୁକ୍ତ ଭାରତ ଅଭିଯାନ ଓ ବ୍ୟାପକ ଯୁବ ପଞ୍ଜୀକରଣ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ଏବଂ ସଦସ୍ୟମାନଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା ।

## ନୂଆପଡ଼ାରେ ଶିଶୁ ସୁରକ୍ଷା ୟୁନିଟ୍ର ସମୀକ୍ଷା ବୈଠକ

ନୂଆପଡ଼ା,୧୭/୭(ନି/ପ୍ର) :ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଡିସିପିୟୁର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଶିଶୁ ସୁରକ୍ଷା, ପୁନର୍ବାସ, ପ୍ରାୟୋଜକ ସହାୟତା, ଅନାଥ ଏବଂ ଏକକ ଅଭିଭାବକଙ୍କ ସନ୍ତାନମାନଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ମହାଉତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ । ସମୀକ୍ଷା ଅନୁସାରେ, ୪୧ ଜଣ ଶିଶୁଙ୍କୁ ଯଶୋଦା ଯୋଜନାରେ ସାମିଲ କରାଯାଇଥିବା ବେଳେ ୩ ଜଣ ଶିଶୁଙ୍କୁ 'ଗ୍ରୀନ୍ ପାସେଜ୍' ସୁବିଧା ପ୍ରଦାନ କରାଯାଇଛି ।

## ମାଆ ଭାଲୁକୁ କାବୁ କରିବାରେ ସଫଳ ହେଲା ବନ ବିଭାଗ, ଛୁଆ ଭାଲୁକୁ ନେଇ ଆତଙ୍କ



ଝରିଗାଁ,୧୭/୭ (ନି/ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଚାଂୟତ ଅନ୍ତର୍ଗତ କୁସୁମୀ ଗ୍ରାମରେ ଗତକାଲି ମାଆ ଭାଲୁ ଓ ଦୁଇ ଛୁଆ ଭାଲୁଙ୍କ ଆକ୍ରମଣରେ କୁସୁମୀ ଗ୍ରାମର ଛେଳି ଚରାଳି ଫଗନୁ ଗୌଡ଼ଙ୍କ ଦେହାନ୍ତ ହୋଇଥିଲା ।ଘଟଣା ପରେ ଝରିଗାଁ ବନ ବିଭାଗ ତୁରନ୍ତ ଘଟଣା ସ୍ଥଳରେ ପହଚିଂ ଗତକାଲି ଠାରୁ ଭାଲୁ ମାନଙ୍କ ଗତିବିଧି ଉପରେ କଡା ନଜର ରଖିବା ସହ ଭାଲୁ ମାନଙ୍କୁ କାବୁ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।ସେହିଭଳି ଝରିଗାଁ ସହ ଉମରକୋଟ ଓ ରାଇଘର ବ୍ଲକ ବନ ବିଭାଗ କର୍ମଚାରୀ ମାନେ ମଧ୍ୟ ଘଟଣା ସ୍ଥଳରେ ପହଚିଂ ଥିବା ବେଳେ ନବରଙ୍ଗପୁର ଠାରୁ ମଧ୍ୟ ଗୋଟିଏ ଟିମ ଆସୁଥିବା ସୂଚନା ମିଳିଛି ।ତେବେ ଗୋଟିଏ ଭାଲୁ ଜଙ୍ଗଲ ଭିତରୁ ବାହାରି ନିକଟରେ ଥିବା ପୋଖରୀକୁ ଯାଇ ପୁଣି ଜଙ୍ଗଲ ଭିତରକୁ ଦୌଡ଼ି ଯାଇଥିବା ଜଣାପଡିଥିଲା ।ସେହିପରି ଭାଲୁ ଆକ୍ରମଣ ଭୟରେ କୁସୁମୀ ଠାରେ ଝରିଗାଁ-ଉମରକୋଟ ରାସ୍ତା ବନ୍ଦ ଥିବା ସୂଚନା ମିଳିଛି । ଏଠାରେ ପ୍ରକାଶ ଯେ କୁସୁମୀ ଗ୍ରାମର ଫଗନୁ ଗୌଡ଼(୩୭) ଓ ଅନ୍ୟ ଦୁଇ ଜଣ ଦେବସିଂ ନେଙ୍ଗୀ ଓ ବନ୍ତ ପୂଜାରୀ ମିଶି କୁସୁମୀ ଗ୍ରାମର ଶ୍ମଶାନ ନିକଟରେ ଛେଳି ଚରାଉ ଥିଲେ ।ତେବେ ଦ୍ୱିପ୍ରହର ପ୍ରାୟ ସାଢ଼େ ଗୋଟେ ସମୟ ବେଳେ ଫଗଣୁ ହଠାତ ଗୋଟିଏ ମାଇଁ ଭାଲୁ ଏବଂ ଦୁଇଟି ଛୁଆ ଭାଲୁ ହାବୁଡ଼ରେ ପଡିଯାଇଥିଲେ ।ଅନ୍ୟ ଦୁଇ ଜଣ ଛେଳି ଚରାଳି ଭାଲୁ ଆକ୍ରମଣ ଦେଖି ଗାଁ ଭିତରକୁ ଦୌଡ଼ି ଆସି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ ।ଗ୍ରାମର ଲୋକ ଘଟଣା ସ୍ଥଳରେ ପହଚିଂ ଦେଖିବା ବେଳେ ଫଗନୁର ଦେହାନ୍ତ ହୋଇ ଯାଇଥିଲା ।ତିନି ଭାଲୁ ଏଭଳି ଆକ୍ରମଣ କରିଛନ୍ତି ଯେ ଫଗନୁର ଶରୀର ସମ୍ପୂର୍ଣ୍ଣ କ୍ଷେତ ବିକ୍ଷେତ ହୋଇ ଯାଇଥିବା ବେଳେ ଶରୀରରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା ।ତେବେ ଗତକାଲି ଠାରୁ ଦୀର୍ଘ ସମୟ ଧରି ଜଗି ବସି ଭାଲୁ ମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ପରେ ଆଜି ବନ ବିଭାଗ ମାଇଁ ଭାଲୁକୁ ଧରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି ।ତେବେ ଏଯାଏ ଦୁଇ ଛୁଆ ଭାଲୁଙ୍କୁ ଧରିବାରେ ବନ ବିଭାଗ ଅସଫଳ ରହିଥିବା ଯୋଗୁଁ ଛୁଆ ଭାଲୁ ମାନଙ୍କୁ ନେଇ ଅଂଚଳରେ ଆତଙ୍କ ଦେଖା ଦେଇଛି । କାବୁ କରାଯାଇଥିବା ମାଇଁ ଭାଲୁକୁ ପାପଡାହାଣ୍ଡି ସ୍ଥିତ ମୃଗ ବିହାରରେ ଛଡାଯିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।




# ଆଡପ ମଣ୍ଡପରେ ବିଜେ ଚତୁର୍ଦ୍ଧାମୂର୍ତି :
## ସଂକଟମୋଚନ ହନୁମାନ ମନ୍ଦିରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବା



ରାଉରକେଲା,୧୭/୭(ନି/ପ୍ର):ଶ୍ରୀଜଗନ୍ନାଥ ମହାପ୍ରଭୁ, ବଡ଼ଠାକୁର ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତି ଶ୍ରୀ ଗୁଣ୍ଡିଚା ରଥଯାତ୍ରାରେ ଆସି ଜନ୍ମ ବେଦୀରେ ପହଚିଂବା ପରେ ଆଡପ ମଣ୍ଡପରେ ବିଜେ କରିଛନ୍ତି। ଉଦିତନଗର ଶ୍ରୀ ପଟଂଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରଥଯାତ୍ରାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହିତ ବଡ଼ଠାକୁର ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଏବଂ ଶ୍ରୀ ସୁଦର୍ଶନ ମାଉସୀମା ମନ୍ଦିର ରାଉରକେଲା ରେଳଷ୍ଟେସନ୍ ସନ୍ନିକଟ ଶ୍ରୀ ସଂକଟମୋଚନ ହନୁମାନ ପରିସରରେ ପହଚିଂବା ପରେ ଆଜି ଆଡପ ମଣ୍ଡପରେ ବିଜେ କରିଛନ୍ତି। ମଧ୍ୟାହ୍ନ ଧୂପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରସାଦ ଅର୍ପଣ କରାଯିବା ପରେ ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ । ଆଡପ ମଣ୍ଡପରେ ବିଜେ କରିବା ପରେ ଶ୍ରୀ ପଟଂଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଜୀଉଙ୍କ ପୂଜା ଆରମ୍ଭ କରାଯାଇଥିଲା। ପୁରୋହିତ ପଣ୍ଡିତ ସୁଦାମା ପାଣ୍ଡେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ନନ୍ଦକିଶୋର ଅଗ୍ରୱାଲ ପୂଜାରେ ବସିଥିଲେ। ଶ୍ରୀ ପଟଂଦେବ କଲଚରାଲ୍ ଟ୍ରଷ୍ଟର ସଭାପତି ଦିଲ୍ଲୀପ କୁମାର କର, ଟ୍ରଷ୍ଟି ବିଜୟ ପ୍ରଧାନଙ୍କ ସମେତ ମୁକେଶ ପାଣ୍ଡେ, ରବି ଶର୍ମା, ସୁଶୀଲ ଶର୍ମା, ଅଶୋକ ମାହାତୋ, ମିଟୁ ବେଉରିଆ, ରାଜୁ ମଲ୍ଲ, ସଞ୍ଜୟ ମିଶ୍ର, ପ୍ରକାଶ ପାଢୀ, ସମୀର ଗର୍ଗ, ବାବୁଲି ପଟ୍ଟନାୟକ, ଭାସ୍କର ଭୋଇ, ନରେଶ ସାମଲ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଉରକେଲା,୧୭/୭(ନି/ପ୍ର): ସାମାଜିକ ଅନୁଷ୍ଠାନ ହାପି ମୋମେଂଟସ ଇଣ୍ଡିଆ ତରଫରୁ ସେକ୍ଟର-୨୧ ସ୍ଥିତ ଗୋପବନ୍ଧୁ ହୋମିଓପାଥିକ ମେଡ଼ିକାଲ କଲେଜ ଠାରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ କଲେଜର ଛାତ୍ରୀ ଆଦ୍ୟା ଅଭୟିନୀ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନ ସଂରକ୍ଷକ ରବି ମୀନା, ସମ୍ମାନିତ ଅତିଥି ଭାବେ ରେଞ୍ଜର ଶୁଚିସ୍ମିତା ଦାସ, ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି, କବି ତଥା ଅନୁଷ୍ଠାନର ଉପଦେଷ୍ଟା କୁଞ୍ଜବିହାରୀ ରାଉତ, ରାଉଣ୍ଡ ଟେବୁଲ୍ ୩୦୭ର ଅଧ୍ୟକ୍ଷ ସିନ୍ ଆନନ୍ଦ, ଲେଡିଜ ସର୍କଲ ୧୭୨ ର ତନିଶା ଆନନ୍ଦ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ ମହମ୍ମଦ ଅବଦୁଲ କରିମ୍, ବରିଷ୍ଠ ଅଧ୍ୟାପକ ଡା ଅନିଲ କୁମାର ମିଶ୍ର, ଡା ଅଜୟ କୁମାର ବିଶ୍ୱାଳ, ହାପି ମୋମେଂଟସ ଇଣ୍ଡିଆର ମହିଳା ଅଧ୍ୟକ୍ଷା ଗ୍ରେସୀ ଡେଭିଡ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା, ପ୍ରଦୁଷଣ ରୋକିବା ପାଇଁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ, ବୃକ୍ଷ କିପରି ମା ପରି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀ ମାନେ ପ୍ରାୟ ୨୦୦ଟି ବିଭିନ୍ନ ଫଳନ୍ତି, ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ମେମୋଟୋଂ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁଶ୍ରୀ ଧନଲକ୍ଷ୍ମୀ ବେହେରା, ଡା ଦିବାକର ଦଳେଇ, ଡା ଅଶ୍ୱିନୀ ସାହୁ, ଅଳକାନନ୍ଦା ସ୍ୱାଇଁ, ଲେଡିଜ ସର୍କଲ ୧୨୦ ର ଶୀତଲ ବାଗାଡିଆ, ନୀଲମ ଆନନ୍ଦ, ଛାତ୍ର ସଂଘ ସଭାପତି ମୁକେଶ କୁମାର ମଲ୍ଲିକ, ଅମିତ କୁମାର ବେହେରା, ବୃକ୍ଷରୋପଣ ସହ ସହଯୋଗ କରିଥିଲେ।

# ଲଘୁଚାପ ଜନିତ ଲଗାଣ ବର୍ଷାରେ ରାଉରକେଲାର ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା









ରାଉରକେଲା,୧୭/୭(ନି.ପ୍ର): ବିଶ୍ୱପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ପୁରୁଷୋତମ ଧାମ ଶ୍ରୀକ୍ଷେତ୍ର ପୁରୀ ସମେତ ସମଗ୍ର ଓଡିଶା ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା।ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଶ୍ରୀକ୍ଷେତ୍ର ପୁରୀ ସମେତ ସମଗ୍ର ରାଜ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଛି। ରାଉରକେଲା ସହରର ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିର ସମେତ ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର, ହନୁମାନ ବାଟିକା ଶ୍ରୀଜଗନ୍ନାଥ ମନ୍ଦିର, ପାନପୋଷ ଶ୍ରୀଜଗନ୍ନାଥ ମନ୍ଦିର, ମା ତାରିଣୀ ମନ୍ଦିର ପରିସରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର, ଛେଣ୍ଡ ଦେବବିହାର ଶ୍ରୀଜଗନ୍ନାଥ ମନ୍ଦିର, ବାସନ୍ତୀ କଲୋନୀ ଶ୍ରୀଜଗନ୍ନାଥ ମନ୍ଦିର, ପ୍ଲା[ସାଇଟ୍ ଶ୍ରୀଜଗନ୍ନାଥ ମନ୍ଦିର, ରେଲୱେ କଲୋନୀ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଛି। ସକାଳ ୫ଟା ସମୟରେ ମଙ୍ଗଳ ଆଳତି ପରେ ଦେବନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ପହଣ୍ଡିରେ ବଡଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା, ଶ୍ରୀସୁଦର୍ଶନଙ୍କୁ ରଥ ଉପରକୁ ନିଆଯିବା ପରେ ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡିରେ ନେଇଥିଲେ ରଥ ଉପରକୁ।ଏହାପରେ ଆରମ୍ଭ ହୋଇଥିଲା ଛେରାପହଁରା ନୀତି। ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ଛେରାପହଁରା କରିଥିଲେ ଗଜପତି ମହାରାଜ (ଆରଏସପି ଡିଆଇସି) ଆଲୋକ ବର୍ମା। ସେହିପରି ଉଦିତନଗର ଶ୍ରୀଜଗନ୍ନାଥ ମହାପ୍ରଭୁ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ଛେରାପହଁରା କରିଥିଲେ ଗଜପତି ମହାରାଜା ବିଜୟ। ସେହିପରି ହନୁମାନ ବାଟିକା ଶ୍ରୀଜଗନ୍ନାଥ ମହାପ୍ରଭୁ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥରେ ଛେରାପହଁରା କାର୍ଯ୍ୟକ୍ରମ ସରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କରୁଣାରୁ ରଥଟଣା ଆରମ୍ଭ ଠାରୁ ମାଉସୀମା ମନ୍ଦିର ପହଚିଂବା ପର୍ଯ୍ୟନ୍ତ ବର୍ଷା ଛାଡି ଯାଇଥିବାରୁ ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ହୋଇଥିଲା। ଉଦିତନଗର ଶ୍ରୀ ପଟଂଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ସଭାପତି ଦିଲ୍ଲୀପ କୁମାର କରଙ୍କ ସମେତ ବିଜୟ ପ୍ରଧାନ, ମିଟୁ ବେଉରିଆ, ରାଜୁ ମଲ୍ଲ, ଗୁନା ଭାଇ, ସଞ୍ଜୟ ମିଶ୍ର, ପ୍ରକାଶ ପାଢୀ, ସମୀର ଗର୍ଗ, ସୁକାନ୍ତ, ମାଷ୍ଟର ଏ -୧, ଅଭି, ବାବୁଲି ପଟ୍ଟନାୟକ, ଭାସ୍କର ଭୋଇ, ନରୋତମ, ଅରୁଣ ମୁଣ୍ଡା, ଟୁନୁ, ସିହ୍ନା, ନରେଶ ସାମଲ, ରଜତ, ସୁକାନ୍, ସାନ୍ତୋଶ୍ ପଟ୍ଟନାୟକ୍ ପ୍ରମୁଖ ସହଯୋଗ କରିଥିଲେ।

# ଭାରତୀୟ ସଂସ୍କୃତି ଓ ଗୁରୁ ପରମ୍ପରା ଆଲୋଚନାଚକ୍ର

ରାଉରକେଲା,୧୭/୭(ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗରର ମାଧବ ନଗର ଶାଖା ଓ ରାଉରକେଲା କଲେଜ, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତଥା ପରିଷଦ ମହାନଗର ସଭାପତି ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସଂସ୍କୃତି ଓ ଗୁରୁ ପରମ୍ପରା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବି ରାଜୀବ ପାଣି ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ବାବାଜୀ ସନତ୍ସୁଜାତାନନ୍ଦ ଦାସ ମହାରାଜ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ଅତିଥି ଦ୍ୱୟ ସେମାନଙ୍କ ବକ୍ତବ୍ୟରେ ମୁଁ କିଏ ? ଏହାକୁ ଖୋଜିବା ଭାରତୀୟ ଦର୍ଶନର ମୂଳଲକ୍ଷ୍ୟ। ଭାରତୀୟ ସଂସ୍କୃତିରେ ଜୀବନର ଆଚରଣ ଓ ଆତ୍ମ ଚିନ୍ତନ ସହ ତତ୍କାଳୀନ ସମୟରେ ଗୁରୁକୂଳରେ ପ୍ରଭେଦ ନଥିବା, ବିଦ୍ୟା ସହିତ ବିନୟ, ଶିକ୍ଷା ସହିତ ଚରିତ୍ର ଗଠନ ତଥା ସତ୍ୟ ଗୋଟିଏ ଏବଂ ଦେଖିବାର ଦୃଷ୍ଟି ଅନେକ। ବସୁଧୈବ କୁଟୁମ୍ବକମ୍ ଓ ବିଭିନ୍ନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଭାପତି ଡ. ଜେନା ସାମ୍ପ୍ରତିକ ସ୍ଥିତିରେ ଆଲୋଚ୍ୟ ପ୍ରସଙ୍ଗର ଆବଶ୍ୟକତା ଓ ମାଧବ ନଗର ଶାଖାର ସଭାପତି ବ୍ରଜେନ୍ଦ୍ର କୁମାର ଦାଶ ପ୍ରାକ୍ କଥନ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଶୀର୍ଷକ 'ଗୁରୁବେ ନମଃ' ସମ୍ପର୍କରେ କବିତା ପାଠ କରାଯାଇଥିଲା। ଏହି ପର୍ଯ୍ୟାୟରେ ଉପେନ୍ଦ୍ର ନାଥ ଦାଶ ସଭାପତିତ୍ୱ କରିଥିଲାବେଳେ କବୀ ଅଳକା ମହାନ୍ତି ଓ ପ୍ରତାପରୁଦ୍ର ତ୍ରିପାଠୀ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ସର୍ବଶ୍ରୀ ଗୌତମ ଦାସ, ହରପ୍ରସାଦ ନନ୍ଦ, ହରମୋହନ ମିଶ୍ର, ସୁସ୍ମିତା ମହାପାତ୍ର, ତ୍ରିଲୋଚନ ସ୍ୱାଇଁ, ଡ. ମୁନିନ୍ଦ୍ର ମହାଲିକ, ସୁସ୍ମିତା ମହାପାତ୍ର, ଏସ୍ ଦାସ ପ୍ରମୁଖ କବିତା ପାଠ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ତ୍ରିଲୋଚନ ସ୍ୱାଇଁ ଓ ଦ୍ୱିତୀୟ ପର୍ଯ୍ୟାୟରେ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ପାତ ମାର୍କେଟ ବ୍ୟବସାୟୀ ସଂଘ ତରଫରୁ କନିକା ପ୍ରସାଦ ବିତରଣ



ରାଉରକେଲା,୧୭/୭(ନି/ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଶ୍ରୀକ୍ଷେତ୍ର ପୁରୀ ସମେତ ସମଗ୍ର ରାଜ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଛି। ପବିତ୍ର ରଥଯାତ୍ରା ଉପଲକ୍ଷେ ଇସ୍ପାତ ମାର୍କେଟ ବ୍ୟବସାୟୀ ବୃନ୍ଦ ଙ୍କ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆମ୍ବାଗାନ ଛକ ନିକଟରେ କନିକା ପ୍ରସାଦ, ବିଶୁଦ୍ଧ ପାନୀୟ ଜଳ ବଣ୍ଟନ ତଥା ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ ଅଧ୍ୟକ୍ଷତା ଓ ପ୍ରାକ୍ତନ ସଭାପତି ଶଙ୍କର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁରଲୀଧର ମିଶ୍ର, ବିଜୟ ତ୍ରିପାଠୀ, ଅଶୋକ ଦାସ, ସରୋଜ ଖଟୁଆ, ସୁଶିଲ ଅଗ୍ରୱାଲ, ଅଜୟ ବେହେରା, ଦୁଃଶାସନ ସାହୁ, ଶ୍ୟାମସୁନ୍ଦର ସ୍ୱାଇଁ, ପ୍ରିୟବ୍ରତ ସାମଲ, ଶିଶିର ମହାପାତ୍ର, ମୁରଲୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ, ପ୍ରହଲ୍ଲାଦ ଜେନା ତଥା ମାର୍କେଟର ବହୁ ବ୍ୟବସାୟୀ ବୃନ୍ଦ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ କନିକା ପ୍ରସାଦ ବିତରଣ ସହ ଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ।

# ମଦନିଶାରୁ ଗଣ୍ଡଗୋଳ : ଭିଣେଇକୁ ଟାଙ୍ଗିଆରେ ହାଣି ଶାଳକ ଗିରଫ



ସୁନ୍ଦରଗଡ,୧୭/୭(ନି/ପ୍ର):ଶାଳକ ଓ ଭିଣେଇ ମିଶି ମଦ ପିଇଲେ। ନିଶା ହେବା ପରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡଗୋଳ ହୋଇଥିଲା। ବାସ୍ ଏତିକିରେ ଶାଳକର ରାଗ ପଟଂମକୁ ଉଠିଗଲା। ପାଖରେ ଥିବା ଟାଙ୍ଗିଆ ଉଠାଇ ଭିଣେଇର ପିଠିରେ ଚୋଟ ବର୍ଷାଇ ଦେଇଥିଲା। ଭିଣେଇ ଏବେ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛି। ଲେଫ୍ରିପଡ଼ା ଥାନା ବଡ଼ଖଲିଆରେ ନିଜ ଭିଣେଇ ଘରକୁ ଆସିଥିବା ଶାଳକ ଘଟାଇଥିବା ଏ କାଣ୍ଡ ଚାଟଂଲ୍ୟ ଖେଳାଇ ଦେଇଛି। ଶାଳକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସାଗର ଓରାମ, ଘର ଛତିଶଗଡ଼ରେ। ବଡ଼ଖଲିଆରେ ଥିବା ଭିଣେଇ ରତନଲାଲ ଓରାମ ଘରକୁ ସେ କୁଣିଆ ଆସିଥିଲା। ରାତିରେ ଶାଳକ ଭିଣେଇ ମିଶି ମଦ ପିଇବା ପରେ ନିଶାରେ ଏ କାଣ୍ଡ ଘଟାଇଥିଲା ଶାଳକ। ରତନଲାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏନେଇ ରତନଲାଲଙ୍କ ମାମୁ ଲେଫ୍ରିପଡ଼ା ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି।

# ଭୁବନରେ ରଥଯାତ୍ରା : ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

ଭୁବନ,୧୭/୭(ନି/ପ୍ର):ଢ଼େଙ୍କାନାଳ ଜିଲ୍ଲା ଭୁବନ ର ତୃତୀୟା ଜୀଉ ଙ୍କ ଘୋଷ ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତନ ମଣ୍ଡଳୀ, ଘଂଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ । ସକାଳ ୬ ଘଟିକା ସମୟରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ୮ଘଟିକାରେ ପାଟବସ୍ତ୍ର ଆନୟନ, ୧୦ ଘଟିକା ରେ ଆଜ୍ଞାମାଳ ବିଜେ, ୧୧ ଘଟିକା ରେ ମହାପ୍ରସାଦ ନୀତି ,୧୨ ଘଟିକା ରେ ରଥ ପ୍ରତିଷ୍ଠା ପରେ ୧ ଘଟିକା ରେ ସେବାୟତ ମନେ ଚତୁର୍ଦ୍ଧା ମୂର୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ୨ ଘଟିକା ରେ ମହାପ୍ରଭୁ ଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ ଛେରା ପହଁରା କରିଥିଲେ ଓ ଅପରାହ୍ନ ୪ ଘଟିକା ସମୟରେ ରଥ ଟଣାକ୍ଷ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୭ ଘଟିକା ସୁଦ୍ଧା ନୂଆ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ତିନି ରଥ ପହଂଚିଥିଲା। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣିଥିଲେ । ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତନ ମଣ୍ଡଳୀ, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଏହି ପବିତ୍ର ରଥ ଯାତ୍ରା ରେ ସାମିଲ ହୋଇ କର୍ତବ୍ୟ ସମ୍ପାଦନ କରିଥିଲେ ।

# ଆରଏସପିରେ ୫୮ତମ ସବ୍-ପ୍ଲାଟଂ ଲେଭେଲ୍ ଆଡଭାଇଜରୀ କମିଟି ବୈଠକ



ରାଉରକେଲା,୧୭/୭(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍ପି)ର ୫୮ତମ ସବ୍-ପ୍ଲାଟଂ ଲେଭେଲ୍ ଆଡଭାଇଜରୀ କମିଟି ବୈଠକ ଜୁଲାଇ ୧୪ ତାରିଖରେ ସମାଧାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରଏସ୍ପିର ସାମଗ୍ରୀ ପରିଚାଳନା ବିଭାଗ ଦ୍ୱାରା ସ୍ଥାନୀୟ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକର ବିକାଶ ନିମନ୍ତେ କ୍ରୟ ବୃଦ୍ଧି, ନିରନ୍ତର ସମନ୍ୱୟ ଏବଂ ସହଭାଗିତାକୁ ସୁଦୃଢ଼ କରିବା ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ଏହି ବୈଠକରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଶା ସରକାରଙ୍କ ଜିଲ୍ଲା ଶିଳ୍ପ କେନ୍ଦ୍ର, ଭାରତ ସରକାରଙ୍କ ଏମଏସଏମଇ ବିକାଶ ସଂସ୍ଥାର ଅଧିକାରୀମାନଙ୍କ ସହ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ, ରାଉରକେଲା ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ , ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଟଂରପ୍ରାଇଜେସ୍, ଓଡ଼ିଶା ୟଙ୍ଗ ଏଟଂରପ୍ରେନର୍ସ ଆସୋସିଏସନ୍ ର ପ୍ରତିନିଧି ଏବଂ ଆରଏସ୍ପିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ସ୍ୱାଗତ କରି ମୁଖ୍ୟ ମହାପ୍ରବନ୍ଧକ (ସାମଗ୍ରୀ ପରିଚାଳନା) ଶ୍ରୀ ଟି. ବିନୋଦ ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଶିଳ୍ପ ସଂଘର ପ୍ରତିନିଧିମାନଙ୍କୁ ସେମାନଙ୍କର ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସେ ଓଡ଼ିଶାର ସ୍ଥାନୀୟ କ୍ଷୁଦ୍ର ଶିଳ୍ପ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଦିଗରେ ଆରଏସ୍ପର ନିରନ୍ତର ପ୍ରୟାସ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଏହି ଶିଳ୍ପଗୁଡ଼ିକୁ ପ୍ରଦାନ କରାଯାଇଥିବା କ୍ରୟ ଆଦେଶର ମୂଲ୍ୟ ୧୯୮୪-୮୫ ମସିହାରେ ୧୨.୨୩ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୧୩୩.୪୬ କୋଟି ଟଙ୍କାରେ ପହଚିଂଛି। ଏହା ସ୍ଥାନୀୟ ଶିଳ୍ପର ବିକାଶ ପ୍ରତି କାରଖାନାର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ସେ କହିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଜିଲ୍ଲା ଶିଳ୍ପ କେନ୍ଦ୍ର ର ମହାପ୍ରବନ୍ଧକ ଶ୍ରୀ ସ୍ମୃତି ରଞ୍ଜନ ରାଉତରାୟ ଆରଏସ୍ପିର ସହଯୋଗାତ୍ମକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆରଏସ୍ପି, ସ୍ଥାନୀୟ ଏମ ଏସ ଏମ ଇ ସଂଘ ଏବଂ ଚେମ୍ବର ଅଫ୍ କମର୍ସର ମିଳିତ ପ୍ରୟାସ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ବିକାଶରେ ସହାୟକ ହୋଇଛି। ଆରଏସ୍ପି ସ୍ଥାନୀୟ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକଠାରୁ କ୍ରୟ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରୁଥିବା ଉଲ୍ଲେଖ କରି ସେ ନୂତନ ଉଦ୍ୟୋଗଗୁଡ଼ିକୁ ବିଶେଷ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଜଣାଇଥିଲେ, ଯାହାଦ୍ୱାରା ସେମାନେ ଆରଏସ୍ପିର କ୍ରୟ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିପାରିବେ। ନିଜ ଅଭିଭାଷଣରେ ଶ୍ରୀ ଅନିଲ କୁମାର ସ୍ଥାନୀୟ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବିକାଶ ପ୍ରତି ଆରଏସ୍ପିର ଅତୁଟ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ। ବିଶେଷକରି ଓଡ଼ିଶାର ଏମ ଏସ ଏମ ଇ ଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ସାମଗ୍ରୀ ପରିଚାଳନା ବିଭାଗ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସବ୍-ପ୍ଲାକ୍ ହେଉଛି ଆରଏସ୍ପି ଏବଂ ସ୍ଥାନୀୟ ଶିଳ୍ପ ସମୁଦାୟ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା, ବିଭିନ୍ନ ସମସ୍ୟାର ସମାଧାନ କରିବା ଏବଂ ପାରସ୍ପରିକ ବିକାଶକୁ ଆଗେଇ ନେବା ପାଇଁ ଏକ ପ୍ରଭାବଶାଳୀ ମଟଂ। ସେ ସରକାରୀ ସଂସ୍ଥା, ଶିଳ୍ପ ସଂଘ ଏବଂ ସ୍ଥାନୀୟ ଶିଳ୍ପଗୁଡ଼ିକର ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ମଧ ଜଣାଇଥିଲେ। ଏହାପରେ ସମସ୍ତ ଉପସ୍ଥିତ ସଂସ୍ଥାର ପ୍ରତିନିଧିମାନଙ୍କ ଦ୍ୱାରା ଉତ୍ଥାପିତ ବିଭିନ୍ନ ପ୍ରସ୍ତାବ ଓ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଏବଂ ଆରଏସ୍ପିର ବରିଷ୍ଠ ଅଧିକାରୀମାନେ ସମସ୍ତ ପ୍ରଶ୍ନ ଓ ପରାମର୍ଶର ସନ୍ତୋଷଜନକ ଉତ୍ତର ପ୍ରଦାନ କରିଥିଲେ।